ପୁଣି ପଡ଼ିଆରେ ମୁହାଁମୁହିଁ ହେଲେ ବିରାଟ-ଗମ୍ଭୀର

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

E-mail : sambadkalikanews@gmail.com

The Sambad Kalika

ମୂଲ୍ୟ : ୨.୦୦ ଟଙ୍କା | 8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୮୪ ● ୨୧ ଅପ୍ରେଲ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-84 ● 21st April 2024, Sunday ● Bhubaneswar | Licensed to post without pre-payment of postage No- BN-60/22-24

ଅସହ୍ୟ ତାତିରେ ଜନଜୀବନ ଅସ୍ତବ୍ୟସ୍ତ, ରାଜ୍ୟରେ ୪୫ ଡିଗ୍ରୀ ଟପିଲା ପାରଦ

ଭୁବନେଶ୍ୱର, ୨୦।୪
ନ୍ୟୁଜ୍ ବ୍ୟୁରୋ

ପ୍ରଚଣ୍ଡ ତାତି ସାଙ୍ଗକୁ ଝାଞ୍ଜି, ଗରମ, ଗୁଳୁଗୁଳିରେ କଳବଳ ସାରା ରାଜ୍ୟବାସୀ। ଦିନ ତ ଦିନ, ରାତିରେ ବି ପ୍ରଚଣ୍ଡ ଗରମରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇଛି। ଶୁକ୍ରବାର ସ୍ଥିତି ଅସମ୍ଭାଳ ହୋଇଥିବା ବେଳେ ଶନିବାର ତାଠୁ ବି ଟପିଯାଇଛି ତାତି। ଶୁକ୍ରବାର ଏ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାପମାତ୍ରା ୪୪ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଶନିବାର ୪୫ ଡିଗ୍ରୀ ପାର କରିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ ୧୩ ସହରରେ ତାପମାତ୍ରା ୪୩ ଡ଼ିଗ୍ରୀରୁ ଅଧିକ ରେକର୍ଡ କରାଯାଇଥିବା ବେଳେ ୩୦ ସହରରେ ତାପମାତ୍ରା ୪୦ଡ଼ିଗ୍ରୀରୁ ଅଧିକ ରେକର୍ଡ କରାଯାଇଛି। ତେବେ ଶନିବାର ବୌଦ୍ଧ ଓ ବାରିପଦାର ତାପମାତ୍ରା ୪୫.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଶୁକ୍ରବାର ୪୪.୩ ସହ ଦେଶର ଉତ୍ତପ୍ତ ସହର ଥିଲା ବୌଦ୍ଧ।

ଅନ୍ୟପଟେ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ରବିବାରଠୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ। ରବିବାର ଠାରୁ ପଶ୍ଚିମା-ଝଡ ଦ୍ୱାରା ପ୍ରଶମିତ କାଳବୈଶାଖୀ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରା ୨ ରୁ ୩ ଡିଗ୍ରୀ ଯାଏଁ ହ୍ରାସ ଘଟିବାରେ ସମ୍ଭାବନା ରହିଛି, ଯାହାର ପ୍ରଭାବରେ ୨୧ ରୁ ୨୪ ଏପ୍ରିଲ ମଧ୍ୟରେ ରାଜ୍ୟରେ ତାତିରୁ ସାମୟିକ ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି। ମାତ୍ର ୨୫ ତାରିଖ ପରେ ତାପମାତ୍ରା ପୁଣି ବୃଦ୍ଧି ପାଇ ମାସ ଶେଷ ବେଳକୁ ୪୬ ଡିଗ୍ରୀ ଅତିକ୍ରମ କରିବ ବୋଲି ସୂଚନା ମିଳିଛି।

ସେପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟର ଉତ୍ତର ଆଭ୍ୟନ୍ତର ବାରିପଦାରୁ ଝାରସୁଗୁଡ଼ା, କେନ୍ଦ୍ରୀୟ ଓଡ଼ିଶାର ଅନୁଗୁଳରୁ ବୌଦ୍ଧ, ଦକ୍ଷିଣ ଆଭ୍ୟନ୍ତରୀଣର ପାରଳାଖେମୁଣ୍ଡି, ରାୟଗଡ଼ା, ମାଲକାନଗିରି ଓ ଆଭ୍ୟନ୍ତର ଗଞ୍ଜାମରେ ଅନେକ ସ୍ଥାନରେ ମାସ ଶେଷ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ମଧ୍ୟରେ ରହିବ। ଉପକୂଳରେ ପୁରୀଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଆସନ୍ତା ୩ଦିନ ମଧ୍ୟରେ ତାପମାତ୍ରା ପ୍ରାୟ ୨ରୁ ୩ଡିଗ୍ରୀ କମ ରହିପାରେ। ତେବେ ୨୫ରୁ ପୁଣି ସାମୁଦ୍ରିକ ଦକ୍ଷିଣା-ପୂର୍ବା ପବନ ହେତୁ ଆଂଶିକ ମେଘୁଆ ସହିତ ତାପମାତ୍ରା କମିବ। ଆସନ୍ତା ୨୨ରେ କିଛି ସ୍ଥାନରେ କାଳବୈଶାଖୀ ବର୍ଷା ହୋଇପାରେ। ସୋନପୁର, *(ପୃଷ୍ଠା ୭ରେ)*

ପଶ୍ଚିମବଙ୍ଗରେ କଡା ହେବ ସୁରକ୍ଷା ବ୍ୟବସ୍ଥା

ମୁତୟନ ହେବେ ୩୦୩ କମ୍ପାନୀ ସିଏପିଏଫ୍ ଫୋର୍ସ

ନୂଆଦିଲ୍ଲୀ, ୨୦।୪

୨୦୨୪ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଶୁକ୍ରବାର ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଆସନରେ ଭୋଟ ଗ୍ରହଣ ହୋଇଥିଲା। ପଶ୍ଚିମବଙ୍ଗରେ ସର୍ବାଧିକ ୭୭.୫୭ ପ୍ରତିଶତ ମତଦାନ ରେକର୍ଡ କରାଯାଇଥିବା ବେଳେ ତାମିଲନାଡୁରେ ୬୨ ପ୍ରତିଶତ, ତ୍ରିପୁରାରେ ୭୯.୯୦ ପ୍ରତିଶତ, ଆସାମରେ ୭୧ ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଛି। ତେବେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ନିର୍ବାଚନୀ ହିଂସା ଘଟିଥିଲା। କୁଚବିହାର ଜିଲ୍ଲାର ଶୀତଳକୁଚିରେ ବିଜେପି ଓ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ପ୍ରବଳ ପଥର ମାଡ଼ ହୋଇଥିଲା । ତେବେ ଏସବୁକୁ ନଜରରେ ରଖି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଏବେ ନିର୍ବାଚନ ଆୟୋଗ କଠୋର ପଦକ୍ଷେପ ନେବାକୁ ଯାଉଛନ୍ତି। ନିର୍ବାଚନ ଆୟୋଗ ବର୍ତ୍ତମାନ ରାଜ୍ୟରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ

ଫୋର୍ସର ନିୟୋଜନ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି ।ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ୨୬ ଏପ୍ରିଲରେ ଅନୁଷ୍ଠିତ ହେବ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରିଜ ଆଫତାବ କହିଛନ୍ତି ଯେ ଦ୍ୱିତୀୟ ପର୍ଯ୍ୟାୟରେ ରାଇଗଞ୍ଜ, ଦାର୍ଜିଲିଂ ଏବଂ ବାଲୁରଗାଟ ଜିଲ୍ଲାରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନିର୍ବାଚନ ଆୟୋଗ ଏହି ଜିଲ୍ଲାଗୁଡ଼ିକରେ ୩୦୩ କମ୍ପାନୀ ଫୋର୍ସ ନିୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାଫଳରେ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ଚାଲିବ ଏବଂ ରାଜ୍ୟରେ କୌଣସି ଅଘଟଣ ପରିସ୍ଥିତି ଉପୁଜିବ ନାହିଁ । ବର୍ତ୍ତମାନ ପଶ୍ଚିମବଙ୍ଗରେ ୨୭୩ *(ପୃଷ୍ଠା ୭ରେ)*

ଇସ୍ରାଏଲର ଜବାବୀ ଆକ୍ରମଣ ମଧ୍ୟପ୍ରାଚ୍ୟରେ ବଢିଲା ଅସ୍ଥିରତା

ତେହରାନ, ୨୦।୪

ଇସ୍ରାଏଲ ଉପରେ ଇରାନ ଆକ୍ରମଣର ୬ ଦିନ ପରେ ଶନିବାର ପାଲଟା ଆକ୍ରମଣ ହୋଇଛି । ଇରାନର ଏକ ପରମାଣୁ ପ୍ରତିଷ୍ଠାନ ଓ ପରମାଣୁ ଗବେଷଣା କେନ୍ଦ୍ର ସମେତ ବିଭିନ୍ନ ସାମରିକ ଘାଟିକୁ ଟାର୍ଗେଟ କରି ଇସ୍ରାଏଲ ଡ୍ରୋନ ଆକ୍ରମଣ କରିଛି । ତେବେ ଇରାନ କହିଛି ଯେ ଆମ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ସକ୍ରିୟ ରହିଛି ଏବଂ ଆମ ଅଞ୍ଚଳକୁ ଆସିଥିବା ୩ଟି ଡ୍ରୋନକୁ ଆମେ ନଷ୍ଟ କରିଦେଇଛୁ। ଅନ୍ୟପକ୍ଷରେ ଇସ୍ରାଏଲର ଏହି ଜବାବୀ କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧ ଉତ୍ତେଜନା ଓ ଅସ୍ଥିରତା ବଢ଼ିଯାଇଛି।

ଶନିବାର ସକାଳ ପ୍ରାୟ ୬ଟାରେ ଇସ୍ରାଏଲ ଇରାନ ଉପରେ କ୍ଷେପଣାସ୍ତ୍ର-ଡ୍ରୋନ ଜରିଆରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଇରାନର ଇସଫାହାନ ପ୍ରଦେଶର ବିମାନବନ୍ଦର ନିକଟରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ତେବେ ଇସ୍ରାଏଲ ପଟୁ ଏଭଳି ଆକ୍ରମଣ ନେଇ କୌଣସି ବୟାନ ଜାରି ହୋଇନାହିଁ। ଅନ୍ୟପଟେ ଇରାନ ଗଣମାଧ୍ୟମ ଡ୍ରୋନ ଆକ୍ରମଣ ବିଫଳ ହୋଇଥିବା କହିଥିଲେ ମଧ୍ୟ ଇସ୍ରାଏଲ ଦ୍ୱାରା ଏହି ଆକ୍ରମଣ ହୋଇଥିବା ନେଇ କୌଣସି ରିପୋର୍ଟ ପ୍ରକାଶ କରିନାହିଁ। ଇରାନ କର୍ତ୍ତୃପକ୍ଷ କହିଛନ୍ତି ଯେ ଆଜିର ଡ୍ରୋନ ଆକ୍ରମଣର ତୁରନ୍ତ ଜବାବ ଦେବାପାଇଁ ଆମର କୌଣସି ଯୋଜନା *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ବିଜେଡିର ଷଷ୍ଠ ପ୍ରାର୍ଥୀ ତାଲିକା: କଟିଲା ତିନି ପୂର୍ବତନ ମନ୍ତ୍ରୀଙ୍କ ଟିକେଟ

ଭୁବନେଶ୍ୱର, ୨୦।୪
ନ୍ୟୁଜ୍ ବ୍ୟୁରୋ

ବିଜେଡିର ଷଷ୍ଠ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଶନିବାର ଟିକେଟ ଘୋଷଣା କରିଛନ୍ତି। ବିଜେଡ଼ିର ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୪ ନୂଆ ମୁହଁ ଥିବା ବେଳେ ୪ ମହିଳା ଅଛନ୍ତି । ବର୍ଷା ପ୍ରିୟଦର୍ଶିନୀଙ୍କୁ ବଡ଼ଚଣା, ସନାତନ ମହାକୁଡ଼ଙ୍କୁ ଚମ୍ପୁଆ, କେନ୍ଦ୍ରାପଡ଼ାରୁ ଗଣେଶ୍ୱର ବେହେରା, ଚିଲିକାରୁ ରଘୁନାଥ ସାହୁ, ଆନନ୍ଦପୁରରୁ ଅଭିମନ୍ୟୁ ସେଠୀ, ସାରସକଣାରୁ ଦେବାଶିଷ ମାରାଣ୍ଡି, ରେମୁଣାରୁ ବିଦ୍ୟାସ୍ମିତା ମହାଳିକ, ସିମୁଳିଆରୁ ଶୁଭାଷିନୀ ସାହୁ ଓ କରଞ୍ଜିଆରୁ ବାସନ୍ତୀ ହେମ୍ବ୍ରମଙ୍କୁ ଦଳ ପ୍ରାର୍ଥୀ କରିଛି।

ତେବେ ବିଜେଡିର ଷଷ୍ଠ ପ୍ରାର୍ଥୀ ତାଲିକାରେ କଟିଛି ତିନି *(ପୃଷ୍ଠା ୭ରେ)*

ନିଷ୍ପତ୍ତିର ପୁନର୍ବିଚାର ପାଇଁ ଅନୁରୋଧ ଜଣାଇଲେ ଅମର, ସମୀର

ଭୁବନେଶ୍ୱର, ୨୦।୪ : ନ୍ୟୁଜ୍ ବ୍ୟୁରୋ

ଶନିବାର ବିଜେଡ଼ିର ଷଷ୍ଠ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣାରେ ଦଳୀୟ ଟିକେଟ୍ ପାଇବାରୁ ବଞ୍ଚିତ ହୋଇଥିବା ବରିଷ୍ଠ ବିଧାୟକ ଦଳ ନିଷ୍ପତ୍ତିର ପୁନର୍ବିଚାର ପାଇଁ ସଭାପତି ନବୀନ ପଟ୍ଟନାୟକଙ୍କୁ ବିନମ୍ରତାର ସହ ଅନୁରୋଧ ଜଣାଇଛନ୍ତି।

ବିଜେଡ଼ିର ପ୍ରାର୍ଥୀ ଘୋଷଣା ପରେ ଅନେକ ସ୍ଥାନରେ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯାଜପୁର ଜିଲ୍ଲା ବଡଚଣା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସ୍ଥାନରେ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଥିବାରୁ ବିଧାୟକ ଶ୍ରୀ ଶତପଥୀଙ୍କ ଶୁଭେଚ୍ଛୁ ଓ ସମର୍ଥକ ବହୁ ସଂଖ୍ୟାରେ ଆସି ଏଠାରେ ଏକଜୁଟ୍ ହେବା ସହ ପୁନର୍ବାର ତାଙ୍କୁ ପ୍ରାର୍ଥୀ କରିବାକୁ ଦଳର ସଭାପତିଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀ ଶତପଥୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କେଉଁ ଦୃଷ୍ଟିକୋଣରୁ ତାଙ୍କର ଟିକେଟ୍ କଟିଛି ତାହା ଉପରେ ତାଙ୍କର କିଛି କହିବାର ନାହିଁ। ହେଲେ ଦଳର ସଭାପତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସେ ବିନମ୍ରତାର ସହ *(ପୃଷ୍ଠା ୭ରେ)*

ଶରଧା ଡଙ୍ଗା ବୁଡ଼ି ଘଟଣାରେ ୮ ଶବ ଉଦ୍ଧାର

ଝାରସୁଗୁଡା, ୨୦।୪
ନ୍ୟୁଜ୍ ବ୍ୟୁରୋ

ଝାରସୁଗୁଡା ଜିଲ୍ଲା ଲଖନପୁର ନିକଟସ୍ଥ ମହାନଦୀର ଶରଧା ଠାରେ ଡଙ୍ଗା ବୁଡ଼ି ଘଟଣାରେ ଉଦ୍ଧାର ହେଲେ ଶେଷ ନିଖୋଜ ମହିଳା । ମହିଳାଙ୍କର ନାମ ଘସମିନ ରାଠିଆ ବୋଲି ଜଣାପଡ଼ିଛି । ଶୁକ୍ରବାର ଅପରାହ୍ନ ପ୍ରାୟ ତିନିଟାରେ ଶରଧା ଡଙ୍ଗା ଘାଟକୁ ଆସୁଥିବା ବେଳେ ଡଙ୍ଗା ବୁଡ଼ିଯାଇଥିଲା। ଡଙ୍ଗାରେ ଥିବା ୫୪ଜଣକ ମଧ୍ୟରୁ ୪୫ ଜଣ ଛତିଶଗଡ଼ ରାଜ୍ୟ ଖରସିଆରେ ଥିବାର ସୂଚନା ମିଳିଥିଲା। ତେବେ ଶୁକ୍ରବାର ଜଣେ ମହିଳାଙ୍କର ମୃତ ଦେହ ଉଦ୍ଧାର କରାଯାଇଥିବା ବେଳେ ମହିଳା ଶିଶୁ ମିଶାଇ ଆହୁରି ସାତ ଜଣ ନିଖୋଜ ଥିଲେ। ଡଙ୍ଗା ବୁଡିଯିବା ସମୟରେ ନିକଟରେ ଥିବା ମାଛ ଧରାଳିମାନେ ଡଙ୍ଗାରେ ଥିବା ଯାତ୍ରୀଙ୍କୁ ଉଦ୍ଧାର

କରିଥିଲେ। ଆହତ ଥିବା ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛତିଶଗଡ଼କୁ ପଠାଇ ଦିଆଯାଇଥିଲା। ଶୁକ୍ରବାର ରାତି ପ୍ରାୟ ୧୧ ଟା ଯାଏଁ ଚାଲିଥିଲା ଅପରେସନ। କିନ୍ତୁ ନିଖୋଜ ସାତ ଜଣଙ୍କୁ ଠାବ କରି ପାରିନଥିଲା ଓଡ୍ରାଫ, ଅଗ୍ନିଶମ ବିଭାଗ। ତେବେ ଶନିବାର ସକାଳୁ ପ୍ରାୟ ୫ଟାରୁ ରେସକ୍ୟୁ ଅପରେସନ କରି ନିଖୋଜ ସମସ୍ତ ମୃତଦେହ ଉଦ୍ଧାର କରାଯାଇଛି। ଡଙ୍ଗା ବୁଡ଼ି ଦୁର୍ଘଟଣାର ୨୪ଘଣ୍ଟା ମଧ୍ୟରେ ସମସ୍ତ ନିଖୋଜକୁ ଉଦ୍ଧାର କରିଛନ୍ତି ଓଡ୍ରାଫ ଟିମ ଏବଂ ଅଗ୍ନିଶମ ବିଭାଗ । ଏହି ଉଦ୍ଧାର କାର୍ଯ୍ୟରେ ସ୍ଥୁବା *(ପୃଷ୍ଠା ୭ରେ)*

ସିଦ୍ଧାର୍ଥ, ସିପ୍ରା ଓ ସୋନାଲିଙ୍କୁ ଟିକେଟ ଦେଲା କଂଗ୍ରେସ, କେନ୍ଦୁଝରରେ ବଦଳାଇଲା ପ୍ରାର୍ଥୀ

ଭୁବନେଶ୍ୱର, ୨୦।୪
ନ୍ୟୁଜ୍ ବ୍ୟୁରୋ

କଂଗ୍ରେସ ଶନିବାର ଆଉ ଏକ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏଥିରେ ୩ଟି ଲୋକସଭା ଓ ୧୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି।

ସମ୍ବଲପୁର, ଆସିକା ଓ କେନ୍ଦୁଝର ଲୋକସଭା ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିଛି । କେନ୍ଦୁଝର ପାଇଁ ଦଳ ପୂର୍ବରୁ ମୋହନ ହେମ୍ବ୍ରମଙ୍କ ନାଁ ଘୋଷଣା କରିଥିଲା। ତେବେ ଏହି ଆସନ ପାଇଁ ପ୍ରାର୍ଥୀ ବଦଳାଇଛି ଦଳ। ମୋହନ ହେମ୍ବ୍ରମଙ୍କ ବଦଳରେ ବିନୋଦ ନାଏକଙ୍କୁ ପ୍ରାର୍ଥୀ କରିଛି। ସମ୍ବଲପୁର ଲୋକସଭା ଆସନ ପାଇଁ ଦଳ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବା ବେଳେ ଆସିକାରେ ଦେବକାନ୍ତ ଶର୍ମାଙ୍କୁ ଛିଡ଼ା କରିଛି ।

ନିକଟରେ ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହୋଇଥିବା କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଟିକେଟ ପାଇଛନ୍ତି। ଦଳ ତାଙ୍କୁ ସେହି କେନ୍ଦ୍ରାପଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ କରିଛି ।

ବିଜେପି ଛାଡ଼ି କଂଗ୍ରେସରେ ମିଶି ଥିବା ସୋନାଲି ସାହୁଙ୍କୁ ମଧ୍ୟ ଟିକେଟ ମିଳିଛି । ତାଙ୍କୁ ଦଳ ଖୋର୍ଦ୍ଧାରୁ ଟିକେଟ ଦେଇଛି। ସେହିପରି କଂଗ୍ରେସରୁ ୬ ବର୍ଷ ପାଇଁ ବହିଷ୍କୃତ ହୋଇଥିବା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ବଡ଼ ପୁଅ ସିଦ୍ଧାର୍ଥ ରାଉତରାୟଙ୍କୁ ଦଳ ପ୍ରାର୍ଥୀ କରିଛି। ତାଙ୍କୁ ନିମାପଡା ଟିକେଟ *(ପୃଷ୍ଠା ୭ରେ)*

୫ ବର୍ଷରେ ୫ ମିନିଟ୍ ଦେଶ ପାଇଁ ବାହାର କରନ୍ତୁ: ସିଜେଆଇ

ନୂଆଦିଲ୍ଲୀ, ୨୦।୪

ଭାରତରେ ହେବାକୁ ଥିବା ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇସାରିଛି । ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମତଦାନ ୨୬ ଏପ୍ରିଲରେ ହେବ। ତେବେ ଭୋଟ ପ୍ରତିଶତ ବୃଦ୍ଧି ପାଇଁ ନିର୍ବାଚନ ଆୟୋଗ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ଏହି ସମୟରେ ସାଧାରଣ ନିର୍ବାଚନରେ ଭୋଟ ଦେବାକୁ ଦେଶର ନାଗରିକମାନଙ୍କୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ ସାମ୍ବିଧାନିକ ଗଣତନ୍ତ୍ରରେ ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ, ତେଣୁ ଏହି ସୁଯୋଗକୁ ହାତଛଡା କରନ୍ତୁ ନାହିଁ।

୨୦୨୪ ଲୋକସଭା ନିର୍ବାଚନ ପାଇଁ ନିର୍ବାଚନ ଆୟୋଗର 'ମୋ ଭୋଟ ମୋ ସ୍ୱର ମିଶନ' ପାଇଁ ଏକ ଭିଡିଓ ବାର୍ତ୍ତାରେ ଜଷ୍ଟିସ

ଚନ୍ଦ୍ରଚୂଡ଼ କହିଛନ୍ତି, ଆମେ ବିଶ୍ୱର ବୃହତ୍ତମ ଗଣତନ୍ତ୍ରର ନାଗରିକ। ନାଗରିକ ଭାବରେ ସମ୍ବିଧାନ ଆମକୁ ଅନେକ ଅଧିକାର ପ୍ରଦାନ କରେ, କିନ୍ତୁ ଏହା ମଧ୍ୟ ଆଶା କରେ ଯେ ଆମ ସହିତ ଜଡିତ ଥିବା କାର୍ଯ୍ୟଗୁଡିକ ପାଳନ କରିବା ଏବଂ ସାମ୍ବିଧାନିକ ଗଣତନ୍ତ୍ରରେ ନାଗରିକତ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଭୋଟ *(ପୃଷ୍ଠା ୭ରେ)*

ଆସନ୍ତା ୧୦୦ ଦିନର ଏଜେଣ୍ଡା ପ୍ରସ୍ତୁତ, ଲୋକଙ୍କ ମଙ୍ଗଳ ପାଇଁ କାମ କରାଯିବ : ସୀତାରମଣ

ନୂଆଦିଲ୍ଲୀ, ୨୦।୪

ଲୋକସଭା ନିର୍ବାଚନ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଆମେ ଆଗାମୀ ୧୦୦ ଦିନ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରୁଛୁ ଏବଂ ନିର୍ବାଚନ ଜିତିବା ପରେ ଏହାକୁ ନେଇ କାମ କରିବୁ। ଏକ ଜାତୀୟସ୍ତରର ଟିଭି ଚ୍ୟାନେଲକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇ *(ପୃଷ୍ଠା ୭ରେ)*

ଖୁସିରେ ଆସିଲେ, ମିଶିଲେ ହେଲେ ଏବେ ବି' ଝୁଲନ୍ତ ଅବସ୍ଥାରେ

ଭୁବନେଶ୍ୱର, ୨୦।୪
ନ୍ୟୁଜ୍ ବ୍ୟୁରୋ

ଶୋଭାଯାତ୍ରା ପଟୁଆରରେ ଶୁଭେଚ୍ଛୁ ଓ ସମର୍ଥକମାନଙ୍କ ଗହଣରେ ବହୁତ ଖୁସିରେ ଆସିଲେ, ପାର୍ଟିରେ ମିଶିଲେ, ଟୋପି ପିନ୍ଧିଲେ ପଦ୍ମଫୁଲ ଧରିଲେ, ସ୍ୱାଗତ ସମ୍ବର୍ଦ୍ଧନା ବି ପାଇଲେ। ବାସ୍ ସେତିକିରେ ଅଟକିଯାଇଛି ସବୁକିଛି। ଏଯାଏଁ ଯେଉଁ ଆଶାରେ ଆସିଥିଲେ ତାହା ପୂରଣ ହୋଇନାହିଁ। ନିର୍ବାଚନରେ ଲଢିବା ପାଇଁ ସ୍ୱପ୍ନ ଦେଖିଥିବା ଏହି ନେତାମାନଙ୍କ ପ୍ରାର୍ଥୀତ୍ୱ ଏବେ ବି ଝୁଲନ୍ତ ଅବସ୍ଥାରେ ରହିଛି। ଯାହାକୁ ନେଇ ସେମାନଙ୍କର ଚିନ୍ତା ବି ବଢିବାରେ ଲାଗିଛି।

ସାଧାରଣ ନିର୍ବାଚନ ପାଇଁ ଓଡ଼ିଶାରେ ବିଭିନ୍ନ ଦଳର ପ୍ରାର୍ଥୀ ତାଲିକା ଘୋଷଣା ଏଯାଏଁ ଶେଷ ହୋଇପାରିନାହିଁ। କେବଳ ୨୧ ଲୋକସଭା ଆସନ ପାଇଁ ବିଜେଡ଼ି ଏବଂ ବିଜେପି ପ୍ରାର୍ଥୀ ତାଲିକା ଘୋଷଣା କରିଥିଲେ ମଧ୍ୟ ସମସ୍ତ ୧୪୭ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିପାରି ନାହିଁ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଅନ୍ୟ ଦଳରୁ ବିଶେଷ କରି ବିଜେଡ଼ିରୁ ଆସି ବିଜେପିରେ ମିଶିଥିବା ନେତାମାନଙ୍କ ମଧ୍ୟରୁ ଅନେକ ଏପର୍ଯ୍ୟନ୍ତ ଟିକେଟ୍ ନପାଇ ବାହାରେ ଚିନ୍ତାରେ ଘୂରି ବୁଲୁଛନ୍ତି। ସେମାନଙ୍କ ପ୍ରାର୍ଥୀତ୍ୱ ସମ୍ପର୍କରେ ଦଳ ପକ୍ଷରୁ କୌଣସି ଘୋଷଣା କରାଯାଇ ନାହିଁ। ବିଜେପିରେ ମିଶିଥିବା ଅଳ୍ପ କେତେଜଣ ହାତଗଣତି ନେତା ଯଥା ପ୍ରଦୀପ ପାଣିଗ୍ରାହୀ, ସିଦ୍ଧାନ୍ତ ମହାପାତ୍ର (ପୂର୍ବତନ ସାଂସଦ), ପ୍ରେମାନନ୍ଦ ନାୟକ (ବିଧାୟକ), ଡ. ଅରବିନ୍ଦ ଢାଲି (ବିଧାୟକ), ଆକାଶଦାସ ନାୟକ (ପୂର୍ବତନ ବିଧାୟକ), ପ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୧ ଅପ୍ରେଲ, ରବିବାର, ୨୦୨୪

ଆଇଟିଆଇ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

ବାଲେଶ୍ୱର, ନ୍ୟୁଜ୍

ବଢିବ ଦକ୍ଷତା, ଅଧିକ କୁଶଳୀ ହେବେ ଉଦ୍ୟୋଗିକ ପ୍ରଶିକ୍ଷଣ କେନ୍ଦ୍ର(ଆଇଟିଆଇ) ଛାତ୍ରଛାତ୍ରୀ। ଆଇଟିଆଇ ପିଲାଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ଅଭିନବ ପଦକ୍ଷେପ ଗ୍ରହଣ କରିଛି। ବିଭିନ୍ନ ସରକାରୀ ଆଇଟିଆଇଗୁଡିକ ସହ ବୁଝାମଣା ପତ୍ର ସ୍ୱାକ୍ଷର କରି ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପିଲାଙ୍କ ଦକ୍ଷତା ବଢାଇବା ଦାୟିତ୍ୱ ନେଇଛି। ଫଳରେ ପିଲାମାନେ କୁଶଳୀ ହେବା ସହ ନିଯୁକ୍ତି ପାଇବା ପାଇଁ ଦକ୍ଷ ହେଉଛନ୍ତି। ଟିପିଏନଓଡିଏଲ ସେବା ବିତରଣ କରୁଥିବା ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ୫ଟି ସରକାରୀ ଆଇଟିଆଇ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛି। କେବଳ ଇଲେକ୍ଟ୍ରିସିଆନ ବର୍ଗର

ଛାତ୍ରଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ସେମାନଙ୍କୁ ଯୁଗ ଉପଯୋଗୀ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଶିଳ୍ପ ସଂସ୍ଥା ଅବଶ୍ୟକ କରୁଥିବା ଦକ୍ଷତା ଜ୍ଞାନ ପ୍ରଦାନ କରାଯାଉଛି। ମିଳିଥିବା ସୂଚନା ମୁତାବକ ବାଲେଶ୍ୱର, ତକତପୁର (ବାରିପଦା), ଭଣ୍ଡାରୀପୋଖରୀ (ଭଦ୍ରକ), ବଡ଼ବିଲ (କେନ୍ଦୁଝର) ଓ ଯାଜପୁର ସରକାରୀ ଆଇଟିଆଇରୁ ୨୭୩ଜଣ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କେବଳ ଶେଷ ବର୍ଷର ଇଲେକ୍ଟ୍ରିସିଆନ ପିଲାଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେହିପରି ଟିପିଏନଓଡିଏଲ ପକ୍ଷରୁ ଟ୍ରେନ୍ ଟୁ ହାୟର ଭଳି ଅଭିନବ ଯୋଜନା ଆରମ୍ଭ କରାଯାଇଛି। ବିଭିନ୍ନ ସରକାରୀ ଡିପ୍ଲୋମା କଲେଜର ଇଲେକ୍ଟ୍ରିକାଲ ଟ୍ରେଡ୍ ପିଲାଙ୍କୁ କ୍ୟାମ୍ପସ୍‌ରେ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଟିପିଏନଓଡିଏଲରେ ନିଯୁକ୍ତି ପାଇଁ ପ୍ରଥମିକତା ଦିଆଯାଉଛି। ଏହି ରଣନୀତିକ ପଦକ୍ଷେପ କେବଳ ଓଡ଼ିଶାର ଯୁବକମାନଙ୍କ ଦକ୍ଷତା ବୃଦ୍ଧି ନୁହେଁ ବରଂ ରାଜ୍ୟରେ ବିଦ୍ୟୁତ କ୍ଷେତ୍ରର ସାମଗ୍ରିକ ବିକାଶରେ ମଧ୍ୟ ସହାୟକ ହେଉଛି। ଏହି କାର୍ଯ୍ୟକ୍ରମ ପିଲାଙ୍କ ଦକ୍ଷତା ବୃଦ୍ଧି କରିବା ସହ ଏହା ପିଲାଙ୍କ ଏକାଡେମିକ ଜ୍ଞାନ ଏବଂ ଶିଳ୍ପ ଆବଶ୍ୟକତା କରୁଥିବା ଜ୍ଞାନ ମଧ୍ୟରେ ବ୍ୟବଧାନକୁ ଦୂର କରିବାରେ ସହାୟକ ହେଉଛି ବୋଲି ଛାତ୍ରଛାତ୍ରୀ ଦର୍ଶାଇଛନ୍ତି।

ଅଠରଶହ ବର୍ଷ ତଳର ହନୁମାନଜୀଉ ମନ୍ଦିରରେ ବିପୁଳ ଭକ୍ତଙ୍କ ସମାଗମ

ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ

ତିଡୋଲ ବ୍ଲକ୍ ଅନ୍ତର୍ଗତ ଗ୍ରାମ ପଞ୍ଚାୟତର ଭାରିଷୋଳ ଗ୍ରାମରେ ବାର୍ଷିକ ଉତ୍ସବ ହନୁମାନଙ୍କ ଜୟନ୍ତୀ ଓ ହଷ୍ଟପ୍ରହର ନାମଯଜ୍ଞ ବେଶ୍ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଅଠରଶହ ମସିହାରୁ ଭାରିଷୋଳ ଗ୍ରାମରେ ଆବିର୍ଭାବ ହୋଇଥିବା ମହାବୀର ହନୁମାନ ଜୀଉଙ୍କ ଏହି ପଥର ମୂର୍ତ୍ତି ସେହିଦିନଠାରୁ ଗାଁରେ ପୂଜା ପାଇ ଆସୁଛନ୍ତି। ପ୍ରତିବର୍ଷ ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତିରେ ହନୁମାନ ଜୟନ୍ତୀ ପାଳିତ ହୋଇଆସୁଛି। ଚଳିତ ବର୍ଷ ପ୍ରାତଃ ୬ ଘଟିକା ସମୟରେ ମହାବୀର ହନୁମାନ ଜୀୟୁଙ୍କ ସ୍ନାନ, ମାର୍ଜନା ଓ ମଙ୍ଗଳ ଆଳତି ସମାପନ ହେବା ପରେ ଦିବା ୯ ଘଟିକା ସମୟରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ସ୍ଥାପନ ପରେ ଦିବା ୧୧ ଘଟିକାରେ ଘଟ ସ୍ଥାପନ, ସୂର୍ଯ୍ୟ ପୂଜା

ସହିତ ହନୁମାନ ଜୀଉଙ୍କୁ ଆବାହନ କରାଯାଇ ତାଙ୍କ ନିକଟରେ ହନୁମାନ ଚାଲିଶା ପାଠ କରାଯାଇ ହୋମଯଜ୍ଞ ଆରମ୍ଭ କରାଯାଇଥିଲା। ସନ୍ଧ୍ୟା ୭ ଘଟିକା ସମୟରେ ହନୁମାନଙ୍କ ପାଖରେ ସନ୍ଧ୍ୟା ଆଳତୀ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ପଣା ବଣ୍ଟନ କରାଯାଇଥିଲା। ରାତ୍ର ୯ ଘଟିକା ସମୟରେ ମହାବୀର ହନୁମାନ ଜୀଉଙ୍କ ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲେ। ଏହାପରେ ଶତାଧିକ ଭକ୍ତ ପ୍ରସାଦ ସେବନ କରିଥିଲେ। ରାତିରେ ଲୋକମାନଙ୍କ ମନୋରଞ୍ଜନ ପାଇଁ ରାଧେଶ୍ୟାମ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ସେହିଦିନ ମଧ୍ୟ ରାତ୍ରୀରେ ଅଷ୍ଟପ୍ରହର ନାମଯଜ୍ଞର ଶୁଭଅଧିବାସ ହେବା ସହିତ ରବିବାର ଦହି ହାଣ୍ଡି ଭଙ୍ଗାଜାଇ ଅପରାହ୍ଣରେ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଅଠର ଶହ ବର୍ଷ ତଳର ଏହି ମହାବୀର ହନୁମାନ ଜୀଉଙ୍କ ମନ୍ଦିରକୁ ଦର୍ଶନ କରିବା ପାଇଁ ଅନେକ ଦୂର ଦୂରଦୂରାନ୍ତରୁ ଶତାଧିକ ଶ୍ରଦ୍ଧାଳୁ ଛୁଟି ଆସିଥାନ୍ତି। ପ୍ରତି ବର୍ଷ ଦୁଇ ଦିନ ଧରି ମହାବୀର ୟୁଥ୍ କ୍ଲବ୍‌ର ସମସ୍ତ ସଦସ୍ୟମାନଙ୍କ ପ୍ରଚେଷ୍ଟାରେ ମହାବୀର ହନୁମାନ ଜୀଉଙ୍କ ପାଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମଲୀଳା ଅନୁଷ୍ଠିତ ହୋଇଥାଏ। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଭାରିଷୋଳ ଗ୍ରାମର ଗ୍ରାମବାସୀ ଓ ମହାବୀର ୟୁଥ୍ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ସୋମନାଥ ମହାଦେବଙ୍କ ପୀଠରେ ପାଟୁଆ ଯାତ୍ରା ଉଦ୍‌ଯାପିତ

ନିଷ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ

ନିଷ୍ଚିନ୍ତକୋଇଲି ବ୍ଲକ୍ ବୁହାଲୋ ଗ୍ରାମପଞ୍ଚାୟତ ବରପଡ଼ାସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ସୋମନାଥ ମହାଦେବଙ୍କ ପବିତ୍ର ପୀଠରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ପାଟୁଆ ଯାତ୍ରା ଆନନ୍ଦ ଉଲ୍ଲାସର ସହ ଉଦଯାପିତ ହୋଇ ଯାଇଛି। ଗତ ୧୩ ତାରିଖ ଠାରୁ ଏହି ପାଟୁଆ ଯାତ୍ରା ଆରମ୍ଭ ହୋଇଥିଲା। ଏହି ପାଟୁଆ ଯାତ୍ରାରେ ୧୦୨ ଜଣ ମାନସିକଧାରୀ ପାଟୁଆ ଅଂଶଗ୍ରହଣ କରିଥିଲେ। ପାଟୁଆ ମାନଙ୍କୁ ଅନୁଷ୍ଠାନ ତରଫରୁ ଝୁଣାଧୂପ ଦିଆଯାଇଥିଲା। ଏଥିରେ ମାନସିକଧାରୀମାନେ ବାଜା ଓ ବାଣର ତାଳେ ତାଳେ କାଣ୍ଡ ପାଟୁଆ,ଚରକି ପାଟୁଆ, ଖଣ୍ଡାପାଟୁଆ, ଅଗ୍ନି ପାଟୁଆ, କଣ୍ଟାପାଟୁଆ ହୋଇଥିବାର ଦେଖା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବିଶିଷ୍ଟ ପୂଜକ ଚନ୍ଦ୍ରଶେଖର ପଣ୍ଡା, ପ୍ରଶାନ୍ତ ପଣ୍ଡା, ଅକ୍ଷୟ ପଣ୍ଡା, ପୂର୍ବତନ ସରପଞ୍ଚ ରାୟଗୁରୁ ବିଜୟ କିଶୋର ମିଶ୍ର, ସୌଭାଗ୍ୟ କୁମାର ମିଶ୍ର, ଆଶିଷ କୁମାର ସାହୁ, ସରପଞ୍ଚ ରମାକାନ୍ତ ମହାନ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଉତ୍ସାହୀ ଯୁବକ ଓ ସାଧାରଣ ଲୋକେ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଯାତ୍ରା ଦେଖିବା ନିମନ୍ତେ ପୁରପଲ୍ଲୀର ଶହ ଶହ ଶ୍ରଦ୍ଧାଳୁଭକ୍ତଙ୍କ ଭିଡ ଜମି ଥିବାର ଦେଖିବାକୁ ମିଳିଥିଲା।

କୋସଲି କବିତା ଆସର 'ଚଇତି' ଅନୁଷ୍ଠିତ

ବେଲପଣା ସହ କବିତାମୟ ହେଲା ପଥପ୍ରାନ୍ତ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସୁବର୍ଣ୍ଣପୁରର ବ୍ଲକ୍ ଛକ ନ୍ୟୁ ମାର୍କେଟ ପରିସରରେ କୋସଲି କବିତା ଆସର 'ଚଇତି' ଅନୁଷ୍ଠିତ ହୋଇଯାଇଛି। କୋସଲି କବିତାର ବର୍ଣ୍ଣିଳ ଆସର ଚଇତି-୨୦୨୪ କାର୍ଯ୍ୟକ୍ରମରେ ବିଭିନ୍ନ ରୂପ ଓ ରଙ୍ଗ ପରଶିଥିଲେ ଅନେକ କବି। ସୁବର୍ଣ୍ଣପୁରର ଅଗ୍ରଣୀ ଅନୁଷ୍ଠାନ 'ନାଟ' ପକ୍ଷରୁ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଆର୍ତ୍ତତ୍ରାଣ ବାବୁ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ସନ୍ତୋଷ ପାଢୀ ଏହି ସୁଜନ ପର୍ବରେ ଯୋଗଦେଇ ଏହି ଅଭିନବତାକୁ ପ୍ରଶଂସା କରିଥିଲେ। 'ନାଟ'ର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ 'ନାଟ'ର ସାଧାରଣ ସଂପାଦକ

ବନମାଳି ପଣ୍ଡା, ସମାଜସେବୀ ସଂପାଦକ ସଞ୍ଜୟ କୁମାର ପଣ୍ଡା ମଞ୍ଚାସୀନ ଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ ସଂସ୍କୃତି ସଂଗଠକ ବେଣୁଧର ପ୍ରଧାନ। ଧନ୍ୟବାଦ ଅର୍ପଣ କରିଥିଲେ 'ନାଟ'ର ସାହିତ୍ୟ ସଂପାଦକ କବି ନରେନ୍ଦ୍ର ଭୋଇ। କବି ଲକ୍ଷ୍ମୀ ନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଚଇତି ଆସରରେ ୪୦ରୁ ଅଧିକ କବି ନିଜ ନିଜର କବିତା ପରିବେଷଣ କରିଥିଲେ। କବି ସସ୍ମିତା ମେହେର, ସ୍ୱର୍ଣ୍ଣମୟୀ ମହାପାତ୍ର, ଅନିରୁଦ୍ଧ କୁରକୁରିଆ, ଅଖୋଜ ସାଣ୍ଡ, ପୁରୁଷୋତ୍ତମ ମିଶ୍ର, ପୁରୁଷୋତ୍ତମ ପାଣିଗ୍ରାହୀ, ପ୍ରଭୁଦତ୍ତ ରଥ, ଇନ୍ଦିରା ମିଶ୍ର, କ୍ଷୀରୋଦ ବିହାରୀ ବିଶ୍ୱାଳ ପ୍ରମୁଖ କବିତା ଆସରକୁ ରସାଳ କରିଥିଲେ। ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କ ହାତ ତିଆରି ପଣା ଆସରର ଅନ୍ୟତମ ଆକର୍ଷଣ ଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସମୀର ସାହୁ, ଦେବାଶିଷ ପଟ୍ଟନାୟକ, ବିଶ୍ୱଜିତ ମହାପାତ୍ର ବିଶେଷ ସହଯୋଗ କରିଥିଲେ।

ଶିକ୍ଷଣ ଦକ୍ଷତା ବୃଦ୍ଧି ସମ୍ପର୍କିତ କର୍ମଶାଳା

ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ

ଜିଲ୍ଲା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶିକ୍ଷଣ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସର୍ବ ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଗେନ୍ଦ୍ରା କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୟନ୍ତ କୁମାର ପ୍ରଧାନ, ଶାରୀରିକ କ୍ରୀଡ଼ା ନିରୀକ୍ଷକ ଆନନ୍ଦ କୁମାର ବେହେରା, ପ୍ଲାନିଂ କୋଅର୍ଡିନେଟର ଦେବାଶିଷ ଦ୍ୱାରୀ, ପେଡାଗୋଜି ସଂଯୋଜକ ଶିବ ଶଙ୍କର ଶତପଥୀ, ପ୍ରଧାନ ଶିକ୍ଷକ ଓମ୍ ପ୍ରକାଶ ପ୍ରଧାନ, ଶୁକଦେବ ପଣ୍ଡା ଓ ବାଲ୍ମୀକି ସାହୁ ଓ ଜିଲ୍ଲାର ପ୍ରତ୍ୟେକ ବିଷୟର

ବରିଷ୍ଠ ଶିକ୍ଷକମାନେ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି କରିବା ସମ୍ପର୍କରେ ଏହି କର୍ମଶାଳାରେ ସବିଶେଷ ଆଲୋଚନା ହୋଇଥିଲା। ସେହିପରି ଆଗାମୀ ଦଶମ ବୋର୍ଡ ପରୀକ୍ଷାରେ ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ କିଭଳି ଭଲ ରେଜଲ୍ଟ କରିବେ ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା।

ସମ୍ବିଧାନ ପ୍ରତି ପ୍ରତିବଦ୍ଧ ଓ ଅଙ୍ଗୀକାରବଦ୍ଧ ହେବାକୁ ପରାମର୍ଶ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

ଜିଲ୍ଲା ପ୍ରଶାସନ ତରଫରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ହୋଇ ଯାଇଛି। ଆମେ ସମ୍ବିଧାନ ପ୍ରତି ଯେତେ ଉତ୍ତରଦାୟୀ ରହିବା, ସମ୍ବିଧାନର ନୀତି ନିୟମ ପ୍ରତି ଯେତେ ଅଧିକ ପ୍ରତିବଦ୍ଧ ଓ ଅଙ୍ଗୀକାରବଦ୍ଧ ହେବା, ତାହା ହିଁ ହେବ ସାମାଜିକ ନ୍ୟାୟ ଆନ୍ଦୋଳନର କର୍ଣ୍ଣଧାର, ସମତା ସମ୍ପନ୍ନ ସମାଜ ଗଠନର ଅନନ୍ୟ ରୂପକାର ବାବାସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଭାରତୀୟ ସମ୍ବିଧାନର ମୁଖ୍ୟ ବିନ୍ଧାଣୀ ଡକ୍ଟର ଆମ୍ବେଦକରଙ୍କର ୧୩୩ତମ ଜୟନ୍ତୀ ପାଳନ ସମାରୋହରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। ତା ସହ କହିଛନ୍ତି ତାଙ୍କ ପଞ୍ଚଭୂତର ଶରୀର ମାଟିରେ ବିଲୀନ ହୋଇଛି ସତ ମାତ୍ରେ ଏବେ ବି ଜୀବିତ ଆମ ଚେତନାରେ, ବିଚାରରେ, ଶାସନ-ପ୍ରଶାସନରେ। ତାଙ୍କ ଜୀବନ ଶିକ୍ଷାର

ଏକ ଅସରନ୍ତି ଭଣ୍ଡାର। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜିଲ୍ଲା ସ୍ତରୀୟ ଜୟନ୍ତୀ ପାଳନ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ ଓ ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ। ଭାରତରତ୍ନ ତଥା ଭାରତୀୟ ସମ୍ବିଧାନର ମୁଖ୍ୟ ବିନ୍ଧାଣୀ ଡକ୍ଟର ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରି ଜୟନ୍ତୀ ପାଳନ ସମାରୋହକୁ ଶୁଭାରମ୍ଭ କରିଥିଲେ ମୁଖ୍ୟ ଅତିଥି। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା, ପଲ୍ଲବୀ ପ୍ରିୟଦର୍ଶିନୀ, ପଲ୍ଲବୀ ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ କୋକିଳା ମରୀ ନାୟକ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆର ସିଂହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳରେ ଆମ୍ବେଦକରଙ୍କ ଜନ୍ମ ବାର୍ଷିକୀ ପାଳନ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ଭାରତରତ୍ନ ଡଃ ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ବାର୍ଷିକୀ ପାଳନ କରାଯାଇଛି। ଏହି ଅବସର ରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର, ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍‌ଏସ୍ ବାଜୱା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, ଶୁଭ୍ର ଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା), ସମସ୍ତ ଶାଖା ଅଧିକାରୀ ଏବଂ କର୍ମଚାରୀ, ଭାରତୀୟ ସମ୍ବିଧାନର ଏହି ସ୍ଥପତିଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆର.ଏନ.ଏ. ପରିଡ଼ା, ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ

ସୋନପୁରରୁ ପ୍ରିୟବ୍ରତ ଓ ବୀରମହାରାଜ ପୁରରୁ ପ୍ରଦୀପ କଂଗ୍ରେସ ପ୍ରାର୍ଥୀ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

କଂଗ୍ରେସ ର ପ୍ରାର୍ଥୀ ତାଲିକା ରେ ସୋନପୁର ନିର୍ବାଚନ ମଣ୍ଡଳୀ ପାଇଁ ଯୁବନେତା ପ୍ରିୟବ୍ରତ ସାହୁ ଓ ବୀରମହାରାଜପୁର ପାଇଁ ପ୍ରଦୀପ ସେଠୀଙ୍କ ନାମ ଘୋଷଣା ହୋଇଛି। ଉଭୟେ ଏକ ଯୁବ ସଂଗଠକ ଭାବରେ ଦୀର୍ଘ ବର୍ଷ ହେଲା କାମ କରି ଆସୁଛନ୍ତି ଉଭୟେ ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ ସହ ଜଡ଼ିତ ଥିବା ସହ କଂଗ୍ରେସର ବିଭିନ୍ନ ସାଂଗଠନିକ ପଦପଦବୀରେ ରହିଥିବା କାରଣରୁ ଉଭୟ ନିର୍ବାଚନ ମଣ୍ଡଳୀ ପାଇଁ ଏମାନେ ବେଶ୍ ପରିଚିତି ଅଛନ୍ତି। ବିଶେଷ କରି ଚଳିତ ନିର୍ବାଚନ ମୈଦାନରେ ସୋନପୁର ଓ ବୀରମହାରାଜପୁର ପାଇଁ ଯୁବକମାନଙ୍କ ଉପରେ କଂଗ୍ରେସ ଦଳ ଆସ୍ଥା ପ୍ରକଟ କରିଥିବାରୁ ଏଥରର ନିର୍ବାଚନ ଏକ ରୋଚକ ପରିସ୍ଥିତି ଦେଇ ଗତି କରିବ ବୋଲି ଜିଲ୍ଲାର ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

ଦିଗ୍‌ଦର୍ଶନ ଅନୁଷ୍ଠାନ ପକ୍ଷରୁ କଳାକାର ସମ୍ମାନ ସମାରୋହ

ରମ୍ଭା, ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗ୍‌ଦର୍ଶନ ୟୁଥ୍‌କ୍ଲବ୍ ପକ୍ଷରୁ କଳାକାର ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହା ବିଷୁଭ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଗଞ୍ଜାମ ସହର ସ୍ଥିତ ଓଡ଼ିଆ ଢାମଣା ସାହିରେ ମା' ଦକ୍ଷିଣ କାଳୀଙ୍କ ଦଣ୍ଡ ନୃତ୍ୟ ଉଦ୍‌ଯାପନୀ ସମାରୋହରେ ରାମଲିଙ୍ଗେଶ୍ୱର କଳା ନାଟ୍ୟ ସଂସଦର କଳାକାରମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଉମାକାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କଳାକାର ମାନଙ୍କୁ ସମ୍ମାନିତ କରିବା ସହ ପ୍ରାଚୀନ ଲୋକ କଳାକୁ ବଞ୍ଚାଇ ରଖିଥିବା କଳାକାର ମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

ବିଏମ୍‌ସି ଅଞ୍ଚଳରେ ଜମୁଛି ଟୋପି ଓ ଚଷମା ବେପାର

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ସହରରେ ତାତିର ଉପ୍‌ତି ହେବାରେ ଲାଗିଛି। ଏହାରି ଭିତରେ ବ୍ରହ୍ମପୁର ସହରର ତାପମାତ୍ରା ବଢ଼ିବାରେ ଲାଗିଛି। ତାତିରୁ ବଞ୍ଚିବା ପାଇଁ କିଏ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଅପ୍ରେଲ ୨୦୨୪ ରବିବାର

ମାହାଙ୍ଗା ନିର୍ବାଚନ ମଣ୍ଡଳୀ:ନିର୍ଣ୍ଣାୟକ ଭୂମିକାରେ କଂଗ୍ରେସ

ମାହାଙ୍ଗା, ନ୍ୟୁଜ୍

ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବେ କଂଗ୍ରେସ ଶୃଙ୍ଖଳା କମିଟି ସଦସ୍ୟ ଦେବେନ୍ଦ୍ର ସାହୁ । ଏଆଇସିସି ଶ୍ରୀ ସାହୁଙ୍କୁ ଟିକେଟ ଦେବା ପରେ, କଂଗ୍ରେସ ଉତ୍ସାହିତ ହୋଇପଡ଼ିବା ଦେଖିବାକୁ ମିଳିଛି । ଗୁରୁବାର ବିଭିନ୍ନ ସ୍ଥାନରେ ବାଣ ଫୁଟେଇ, ବାଜା ବଜେଇ ଦଳୀୟ କର୍ମୀମାନେ ଦେବେନ୍ଦ୍ରଙ୍କୁ ସ୍ୱାଗତ କରିଛନ୍ତି । ଶାସକ ବିଜୁ ଜନତା ଦଳ ବିରୁଦ୍ଧରେ ଯୋରଦାର ଲଢେଇ ହେବ ଏବଂ ମାହାଙ୍ଗାବାସୀ ଜଣେ ଭଲ ନେତାଙ୍କୁ ସେମାନଙ୍କ ପ୍ରତିନିଧି ଭାବେ ନିର୍ବାଚିତ କରିବାକୁ ଶ୍ରୀ ସାହୁ ଆହ୍ୱାନ ଦେଇଥିଲେ । ବ୍ଲକ ସଦର ମହକୁମା କୁଆଁପାଲ ଠାରୁ କୋଠପଦା ପର୍ଯ୍ୟନ୍ତ ଦେବେନ୍ଦ୍ରଙ୍କୁ ଏକ ଶୋଭାଯାତ୍ରାରେ କଂଗ୍ରେସ କର୍ମୀମାନେ ପାଛୋଟି ନେବା ଦେଖିବାକୁ ମିଳିଥିଲା । ଚଳିତ ନିର୍ବାଚନରେ ବିଜେଡିରୁ ବିଧାୟକ ପ୍ରତାପ ଜେନାଙ୍କ ପୁଅ ଅଙ୍କିତ ଜେନା, ବିଜେପିରୁ ନବାଗତ ସୁମନ୍ତ ଘଡେଇ, ଆମ୍ ଆଦମୀ ପାର୍ଟିରୁ ସାରଦା ଦାସ, ସ୍ୱାଧୀନ ଭାବେ ସାରଦା ପ୍ରଧାନ ଭୋଟ୍ ଲଢ଼ିବାକୁ ଯାଉଥିବାରୁ, ରୋଚକ ମୋଡ଼ରେ ଏବେ ମାହାଙ୍ଗା ରାଜନୀତି ରହିଛି ବୋଲି ଚର୍ଚ୍ଚା ହେଉଛି । ତେବେ ଏହି ନିର୍ବାଚନରେ କଂଗ୍ରେସ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ଯାଉଥିବା ଚର୍ଚ୍ଚା ହେଉଛି ।

ଜନସାଧାରଣଙ୍କ ସଚେତନତା ନିମନ୍ତେ ବସ୍‌ଗୁଡିକରେ ଲାଗିଲା ସୂଚନାତ୍ମକ ନିର୍ବାଚନ ପୋଷ୍ଟର

ବାଲେଶ୍ୱର, ନ୍ୟୁଜ୍

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ସଚେତନତା ଓ ଅଂଶଗ୍ରହଣ ବୃଦ୍ଧି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଗଡୁଥିବା ବସ୍‌ଗୁଡିକରେ ନିର୍ବାଚନ ସଚେତନତା ପୋଷ୍ଟର ଲଗାଯାଇଛି । ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ସୂଚନାତ୍ମକ ପୋଷ୍ଟର ଲଗାଇ ସିଧାସଳଖ ନାଗରିକଙ୍କ ନିକଟରେ ପହଞ୍ଚିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିନବ ଅଭିଯାନ ଆରମ୍ଭ କରାଯାଇଛି । ବସ୍‌ଗୁଡିକରେ ପ୍ରମୁଖ ଭାବରେ ଲଗାଯାଇଥିବା ଏହି ରଙ୍ଗୀନ ପୋଷ୍ଟରଗୁଡିକରେ ସରଳ ଭାଷା ଏବଂ ଚିତ୍ର ମାଧ୍ୟମରେ ଭୋଟ୍ ସମ୍ପର୍କିତ ଅନେକ ନିର୍ଦ୍ଦେଶାବଳୀ ପ୍ରଦର୍ଶିତ ହୋଇଛି ଯାହା ମଧ୍ୟରେ ପ୍ରମୁଖ ମତଦାନ ତାରିଖ ଓ ସମୟ, ଭୋଟ୍ ଦେବାର ପ୍ରକ୍ରିୟା ଏବଂ ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ପ୍ରତ୍ୟେକ ଭୋଟ୍‌ର ଗୁରୁତ୍ୱ ସମ୍ପର୍କରେ ସ୍ପଷ୍ଟ ବିବରଣୀ ଉପରେ ଗୁରୁତ୍ୱାରୋପ କରୁଥିବା ବାର୍ତ୍ତା ସହିତ ଆଖିକୁ ଆକର୍ଷିତ କରୁଥିବା ଷ୍ଟିକରିଂର ଉଚିତ୍ ବ୍ୟବସ୍ଥା କରାଯାଇଛି । ଏହି ବ୍ୟାପକ ଅଭିଯାନର ସଠିକ୍ କାର୍ଯ୍ୟକାରିତା ପାଇଁ ବସ୍ ମାଲିକ ସଂଘରେ କର୍ମକର୍ତ୍ତାମାନଙ୍କୁ ମଧ୍ୟ ଏଥିରେ ସାମିଲ୍ କରାଯାଇଛି । ଯାତାୟାତ ସମୟରେ ଏହି ପୋଷ୍ଟରଗୁଡିକ ଦ୍ୱାରା ଭୋଟରଙ୍କ ମନରେ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟକୁ ନେଇ ସୃଷ୍ଟି ହୋଇଥିବା ସନ୍ଦେହର ଦୂରୀକରଣ ହୋଇପାରିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଶା କରାଯାଉଛି । ଏଥିସହିତ ବସ୍‌ଷ୍ଟାଣ୍ଡ ଠାରେ ଥିବା ବିଭିନ୍ନ ସ୍ଥାନ ଯଥା ଟିକେଟ କାଉଣ୍ଟର, ଜଳଛତ୍ର, ଯାତ୍ରୀ ବିଶ୍ରାମଗାର ଠାରେ ମଧ୍ୟ ଏହି ପୋଷ୍ଟର ଗୁଡିକୁ ଲଗାଯାଇଛି । ଏଠାରେ ସୂଚନା ଥାଉ କି, ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଓ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜନ ଦଳବେହେରାଙ୍କ ତଦାରଖରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରାଯାଉଛି ।

କେନ୍ଦୁଝରରେ ୪୦ ଟପିଲା ପାରଦ:ବ୍ୟତିବ୍ୟସ୍ତ ଜନଜୀବନ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଏବେ ଜନଜୀବନ ଉପରେ ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି । ଆଗରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଙ୍ଗଲ ପରିପୂର୍ଣ୍ଣ ଥିବାରୁ ଖରାଦିନରେ ଏଠାରେ ଅପେକ୍ଷାକୃତ କମ୍ ଗରମ ଅନୁଭୂତ ହେଉଥିଲା । ଏପରିକି ଅତ୍ୟଧିକ ଗରମ ଅନୁଭୂତ ହେଉଥିବା ଅଞ୍ଚଳର ଲୋକେ ଆଶ୍ୱସ୍ତି ପାଇଁ ଏଠାକୁ ଆସୁଥିବାର ନଜିର ମଧ୍ୟ ରହିଛି । କିନ୍ତୁ ସହରରେ ଏବେ ସେ ସ୍ଥିତି ଆଉ ନାହିଁ । ଏବେ ଦିନକୁ ଦିନ ଅଧିକରୁ ଅଧିକ ଗରମ ଅନୁଭୂତ ହେଉଥିବାରୁ ସାଧାରଣ ଜନଜୀବନ ତତଲା ତାୱାରେ ହନ୍ତସନ୍ତ ହେଉଥିବା ପରି ଲକ୍ଷ୍ୟ କରାଯାଉଛି । ଗତ କିଛିଦିନ ହେବ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଥିବା ବେଳେ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଜଳାଭାବ ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଛି । କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ସମେତ ଯୋଡ଼ା, ବଡ଼ବିଲ, ଆନନ୍ଦପୁର, ହରିଚନ୍ଦନପୁର, ପାଟଣା ଓ ତେଲକୋଇ ଆଦି ଅଞ୍ଚଳରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇଛି । ପରିସ୍ଥିତି ଏପରି ହୋଇଛି ଯେ ସକାଳ ୯ଟା ବେଳକୁ ପ୍ରଚଣ୍ଡ ତାତି ଯୋଗୁଁ ଲୋକେ ଘରୁ ବାହାରିବା ପାଇଁ ମଧ୍ୟ ସାହସ କରିପାରୁନାହାନ୍ତି । ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଗତ ୯ରେ କେନ୍ଦୁଝରର ସର୍ବାଧିକ ତାପମାତ୍ରା ୩୨.୯ ଡିଗ୍ରୀ ସେଲ୍‌ସିୟସ୍ ଥିଲା ସେହିପରି ୧୦ରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଥିବା ବେଳେ ୧୧ରେ ଏହା ସାମାନ୍ୟ ହ୍ରାସ ପାଇ ୨୫.୫ ଡିଗ୍ରୀ ରହିଥିଲା । ଆହୁରି ୧୨ରେ ତାପମାତ୍ରା ବୃଦ୍ଧି ପାଇ ୩୨ ଡିଗ୍ରୀ, ୧୩ରେ ୩୪.୫ ଡିଗ୍ରୀ, ୧୪ରେ ୩୭.୪ ଡିଗ୍ରୀ, ୧୫ରେ ୩୯ ଡିଗ୍ରୀ, ୧୬ରେ ୪୦ ଡିଗ୍ରୀ ଓ ୧୭ରେ ତାପମାତ୍ରା ୪୦.୨ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ଶୁକ୍ରବାର ଏହି ଧାରା ଜାରିରହି ଚଳିତ ମାସରେ ସର୍ବାଧିକ ଅର୍ଥାତ ୪୦.୯ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ଜଣାପଡ଼ିଛି । ଆଗକୁ ଏହି ତାପମାତ୍ରା ଆହୁରି ୩ରୁ ୪ ଡିଗ୍ରୀ ବଢ଼ିବା ନେଇ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଅସହ୍ୟ ତାତି ଯୋଗୁଁ ଲୋକେ ଘରୁ ବାହାରିପାରୁନାହାନ୍ତି । ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି । ଫଳସ୍ୱରୂପ ଯାତ୍ରୀବାହୀ ଯାନଗୁଡ଼ିକରେ ଯଥେଷ୍ଟ କମ୍ ମାତ୍ରାରେ ଯାତ୍ରୀ ଯାଉଥିବାରୁ ଗାଡି ମାଲିକ ମାନଙ୍କୁ ଆର୍ଥିକ ସ୍ତରରେ କ୍ଷତିଗ୍ରସ୍ତ ହେବାକୁପଡୁଛି । ଲୋକମାନେ ବାହାରକୁ ବାହାରିବା ମାତ୍ରେ ହାତରେ ଛତା, ଆଖିରେ କଳା ଚଷମା ଓ ମୁଣ୍ଡରେ କପଡ଼ା ଘୋଡାଇ ହେବାକୁ ବାଧ୍ୟ ହେଉଛନ୍ତି । ସେହିପରି କେତେକ ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଅଘୋଷିତ ବିଦ୍ୟୁତ କାଟ୍ ଏବଂ ପାନୀୟ ଜଳର ଅଭାବ ଲୋକଙ୍କ ଯନ୍ତ୍ରଣାକୁ ଅତି ଗୁରୁତର କରିଦେଉଛି । ଫଳରେ ଅଂଶୁଘାତର ଯଥେଷ୍ଟ ଆଶଙ୍କା ସୃଷ୍ଟି ହେଉଛି । ତେବେ କ୍ରମାଗତ ଭାବେ ଗଛ କଟାଯାଉଥିବାରୁ କେନ୍ଦୁଝର ଜିଲ୍ଲାରେ ତାପମାତ୍ରା ବହୁ ମାତ୍ରାରେ ଅଧିକ ହେଉଥିବା ଚର୍ଚ୍ଚା ହେଉଛି । ତେଲକୋଇ ଓ ଘଟଗାଁ ରେଞ୍ଜରେ ଥିବା ଘଞ୍ଚ ଜଙ୍ଗଲ ଦିନକୁ ଦିନ ହ୍ରାସ ପାଉଥିବାବେଳେ ଜଳବାୟୁ ଉପରେ ଏହାର ପ୍ରଭାବ ପଡ଼ିଛି । ଜିଲ୍ଲାରେ ବ୍ୟାପକ ଖଣି ଖନନ ଯୋଗୁଁ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି । ଖଣି ପାଇଁ ଶହ ଶହ ହେକ୍ଟର ଜଙ୍ଗଲ ନଷ୍ଟ ହେଉଥିବାବେଳେ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ବନ ବିଭାଗ ସକ୍ଷମ ହୋଇପାରୁନାହିଁ । ଅନ୍ୟପଟରେ ବିଭିନ୍ନ କାମ୍ପା ଫଣ୍ଡ, ଆମ ଜଙ୍ଗଲ ଯୋଜନା, ସିଏସ୍‌ଆର ସ୍କିମ୍, ମନରେଗା ଯୋଜନାରେ ପଥପାର୍ଶ୍ୱରେ ବନୀକରଣ, ଗ୍ରୀନ୍ ମହାନଦୀ ମିଶନ, ଓୟାଡସି ଫଣ୍ଡ, ଡିଏମ୍‌ଏଫ ଫଣ୍ଡରେ ବନୀକରଣ ବାବଦରେ କୋଟି କୋଟି ଖର୍ଚ୍ଚ ସତ୍ତ୍ୱେ ଜିଲ୍ଲାରେ ବନୀକରଣ ଆଶାନୁପାତ ହୋଇପାରିନାହିଁ । ଜଙ୍ଗଲ ଧ୍ୱଂସ ଓ କଂକ୍ରିଟ ଜଙ୍ଗଲ ପରିମାଣ ବଢୁଥିବାରୁ ସ୍ଥାନୀୟ ଲୋକେ ତାତିରେ ସନ୍ତୁଳି ହେଉଛନ୍ତି । ଏପରି ସ୍ଥିତିରେ ବ୍ୟାପକ ବନୀକରଣ ଦିଗରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ।

ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ

କଟକ, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାରେ ସାଧାରଣ ନିର୍ବାଚନ ପାଇଁ ବେଶ୍ କିଛି ଦିନ ବାକି ଥିବାବେଳେ, ନିର୍ବାଚନ ତାରିଖ ଘୋଷଣା ହେବା ଦିନଠାରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ ସମନ୍ୱିତ କଂଟ୍ରୋଲ ରୁମ୍ କାର୍ଯ୍ୟ କରୁଛି । ଏଠାରେ ଉଭୟ ସି-ଭିଜିଲ୍ ଆପ୍ ଏବଂ ଟେଲିଫୋନ୍ ମାଧ୍ୟମରେ ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ବନ୍ଧିତ ଅଭିଯୋଗମାନ ପଞ୍ଜିକରଣ କରାଯାଇ ୧୦୦ ମିନିଟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସି-ଭିଜିଲ୍ ଆପ୍ ମାଧ୍ୟମରେ ଅଦ୍ୟାବଧି ମୋଟ୍ ୪୩୦ଟି ଅଭିଯୋଗ ଆସିଥିବାବେଳେ ସମସ୍ତ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେହିପରି ଟେଲିଫୋନ୍ ମାଧ୍ୟମରେ ୧୫ଟି ଅଭିଯୋଗ ହସ୍ତଗତ ହୋଇଛି ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେଗୁଡିକର ମଧ୍ୟ ସମାଧାନ କରାଯାଇଛି । ବିଶେଷକରି ଜନସାଧାରଣ ବିନା ଅନୁମତିରେ ପୋଷ୍ଟର, ବ୍ୟାନର ଲଗାଇବା ସମ୍ପର୍କରେ ଅଧିକ ଅଭିଯୋଗ ଆଣିଛନ୍ତି । ଅଭିଯୋଗ ଆସିବା ମାତ୍ରେ ସେହି ଅଞ୍ଚଳର ଫ୍ଲାଇଂ ସ୍କ୍ୱାର୍ଡଙ୍କୁ ଅବଗତ କରାଯାଉଛି ଏବଂ ସେ ଅଭିଯୋଗର ତଦନ୍ତ କରି ରିଟର୍ଣ୍ଣିଂ ଅଫିସରଙ୍କୁ ରିପୋର୍ଟ ଦେବା ନିମନ୍ତେ ସୂଚନା ଦେଉଛନ୍ତି । ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ୧୦୦ ମିନିଟ ମଧ୍ୟରେ ସମ୍ପନ୍ନ କରାଯାଉଛି । ଏଥିସହ ଜନସାଧାରଣ ବିନା ଅନୁମତିରେ ଗାଡ଼ି ଶୋଭାଯାତ୍ରା, ବ୍ୟାନ୍ ସମୟରେ କ୍ୟାମ୍ପେନିଂ, ଧାର୍ମିକ କିମ୍ବା ସାମ୍ପ୍ରଦାୟିକ ଭାଷଣ/ବାର୍ତ୍ତା ଓ ଅନ୍ୟାନ୍ୟ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଆଦି ସମ୍ପର୍କରେ ମଧ୍ୟ ଅଭିଯୋଗ କରୁଛନ୍ତି । ଅଭିଯୋଗ କରୁଥିବା ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବା ସହ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । କଟକ ଜିଲ୍ଲାରେ ଖୋଲାଯାଇଥିବା ସମନ୍ୱିତ କଂଟ୍ରୋଲ ରୁମ୍‌ରେ ସି-ଭିଜିଲ୍ ଆପ୍ ଓ ଟୋଲ୍ ଫ୍ରି ନମ୍ବର ୧୯୫୦ ବ୍ୟତୀତ ଟେଲିଫୋନ୍ ନମ୍ବର ୦୬୭୧-୨୫୦୯୨୧୨ ଓ ୦୬୭୧-୨୫୦୭୨୧୨ ମାଧ୍ୟମରେ ଅଭିଯୋଗ ଗ୍ରହଣ କରାଯାଉଛି ।

ବୌଦ୍ଧ ସହରରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଶନିବାର ସକାଳେ ବୌଦ୍ଧ ସହରର ବିଭିନ୍ନ ୱାର୍ଡରେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସୀମା ସୁରକ୍ଷା ବଳ ଓ ପୋଲିସ୍ ପକ୍ଷରୁ ମିଳିତ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ମହାନଦୀ ବ୍ରିଜ୍ ଛକ ନିକଟରୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ କୁଳଦୀପ ମୀନାଙ୍କ ନେତୃତ୍ୱରେ ଏହି ଫ୍ଲାଗ୍ ମାର୍ଚ୍ଚ ଆରମ୍ଭ ହୋଇ ବୌଦ୍ଧ ଏନଏସିର ୧ ନଂ, ୨ ନଂ, ୩ ନଂ, ୫ନଂ, ୬ନଂ ଓ ୧୫ନଂ ୱାର୍ଡ ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା । ଆସନ୍ତା ସାଧାରଣ ନିର୍ବାଚନ ସମୟରେ ଭୟ ମୁକ୍ତ ଓ ନିରପେକ୍ଷ ମତଦାନ ଉଦ୍ଦେଶ୍ୟରେ ଉକ୍ତ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଥିବା ଉପଖଣ୍ଡ ଆରକ୍ଷୀ ଅଧିକାରୀ କୁଳଦୀପ ମୀନା ପ୍ରକାଶ କରିଛନ୍ତି । ଉକ୍ତ ଫ୍ଲାଗ୍ ମାର୍ଚ୍ଚରେ ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଥାନା ଆଇଆଇସି ରିତ କୁମାର ମୁନୀ, ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ପ୍ରମୁଖ ଯୋଗ ଦେଇଥିଲେ ।

ପାନୀୟ ଜଳ ପାଇଁ ଧାରଣା ଦେଲେ ଗ୍ରାମବାସୀ

ଆଠଗଡ଼, ନ୍ୟୁଜ୍ ବ୍ୟୁରୋ

ପାଣି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଆଠଗଡ଼ ବ୍ଲକରେ କେବଳ କାଗଜ କଲମରେ ଚାଲିଛି ପାନୀୟ ଜଳ ଯୋଗାଣ । ଅସହ୍ୟ ଗୁଳୁଗୁଳି ସାଙ୍କୁ ତାପମାତ୍ରା ବୃଦ୍ଧି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ପାଣି ଟିକେ ପାଇଁ ଡହଳ ବିକଳ ହେଉଛନ୍ତି ମଣିଷ ଠାରୁ ପଶୁ ପକ୍ଷୀ । ଏହି ପରିସ୍ଥିତିରେ ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ଟାଙ୍ଗୀ ସାହି ବାସିନ୍ଦା ପାନୀୟ ଜଳ ସମସ୍ୟା ନେଇ ଆଠଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ପାନୀୟ ଜଳ ସମସ୍ୟା ନେଇ ଟାଙ୍ଗୀ ସାହିବାସୀଙ୍କୁ ଆଠଗଡ଼ ବିଡ଼ିଓ କିଭଳି ଥଟ୍ଟା ପରିହାସ ସହ ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ ସେ ବିଷୟରେ ଏକ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପତ୍ର ପାଇ ଉପଜିଲ୍ଲାପାଳ ବିଡ଼ିଓ ପ୍ରଦୀପ କୁମାର ସାହୁ ଓ ଗ୍ରାମ୍ୟ ପାନୀୟଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରମେଶ କୁମାର ବେହେରା ମିଥ୍ୟା ପ୍ରତିଶ୍ରୁତି ପାଇଁ ତାଗିଦ କରିବା ସହ ନିଜର କାର୍ଯ୍ୟାଳୟକୁ ଡ଼ାକିଥିଲେ କିନ୍ତୁ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ବିଡ଼ିଓ ଶ୍ରୀ ସାହୁ ମିଥ୍ୟା ପ୍ରତିଶ୍ରୁତି ଲୋକଙ୍କୁ ଦେଇଥିବାରୁ ନିଜେ ନଆସି ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇଥିଲେ । ଏପଟେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରମେଶ କୁମାର ବେହେରା ମଧ୍ୟ ଧାରଣା ସ୍ଥଳରେ ପହଞ୍ଚିଥିଲେ । ଖବରପାଇ ଆଠଗଡ଼ ଥାନା ପକ୍ଷରୁ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନଜର ରଖାଯାଇଥିଲା । ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ ପ୍ରମୁଖ ଧାରଣାରତ ଲୋକଙ୍କୁ ବୁଝାସୁଝା କରିଥିଲେ । ହେଲେ ଲୋକମାନେ ଧାରଣାରୁ ନହଟି ବିଡ଼ିଓ ଆସିଲେ ଧାରଣା ହଟିବ ବୋଲି କହିଥିଲେ ଓ ପରେ ଧାରଣାରତ ଲୋକଙ୍କୁ ବୁଝାସୁଝା କରିବା ସହ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ନିର୍ବାଚନ ପରେ ନଳକୂପ କରାଯିବ ଏବଂ ଗୁରୁବାର ଠାରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଧାରଣା ହଟିଥିଲା । ଆଉ ଏ ସମସ୍ତ କଥା ଉପରେ ବିଡ଼ିଓ ଶ୍ରୀ ସାହୁଙ୍କୁ ଉପଜିଲ୍ଲାପାଳ ତରାଇ ତାଗିଦ୍ କରିଥିଲେ । ଲୋକଙ୍କ ପାନୀୟ ଜଳ ସମସ୍ୟା ସମାଧାନରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଗ୍ରୀଷ୍ମ ଋତୁରେ ଲୋକଙ୍କୁ ଠକିବା କେତେଦୂର ଠିକ୍ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ନବରଙ୍ଗପୁର ଜିଲ୍ଲାର ୯୯୩ ବୁଥ୍‌ରେ ହେବ ମତଦାନ

୬୨ ବୁଥ୍‌ରେ ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ମଇ ୧୩ ତାରିଖ ଦିନ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ନବରଙ୍ଗପୁର ଲୋକସଭା ଓ ବିଧାନସଭା ଆସନ ପାଇଁ ହେବ । ନବରଙ୍ଗପୁର ଜିଲ୍ଲାର ୪ଟି ବିଧାନ ସଭା ନିର୍ବାଚନ ମଣ୍ଡଳୀର ୯୯୩ଟି ବୁଥ୍‌ରେ ଭୋଟର ମତଦାନ କରିବେ । ସେଥିମଧ୍ୟରୁ ୬୨ଟି ସମ୍ବେଦନଶୀଳ ବୁଥ୍‌ରେ ସକାଳ ୭ଟା ଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ । ଅବଶିଷ୍ଟ ୯୩୧ ବୁଥ୍‌ରେ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ ବୋଲି ଅଶୋକ ମେହେଟା ସମ୍ମିଳନୀ କକ୍ଷ ଠାରେ ଆହୁତ ଖବରଦାତା ସମ୍ମିଳନୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡଃ କମଳ ଲୋଚନ ମିଶ୍ର ସୂଚନା ଦେଇଛନ୍ତି । ୭୩ ଉମରକୋଟ ବିଧାନ ସଭା ନିର୍ବାଚନ ମଣ୍ଡଳୀର ୨୨୧ ମତଦାନ କେନ୍ଦ୍ର ରହିଛି । ସେଥିମଧ୍ୟରୁ ୨୨ ଗୋଟି ବୁଥ୍‌ରେ ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ । ଅବଶିଷ୍ଟ ୧୯୯ ବୁଥ୍‌ରେ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ୭୪ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୫୫ ବୁଥ୍ ରହିଛି । ସେଥିମଧ୍ୟରୁ ୨୬ ଗୋଟି ବୁଥ୍‌ରେ ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ । ଅବଶିଷ୍ଟ ୨୯୯ ବୁଥ୍‌ରେ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ସେହିଭଳି ୭୫ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨

ପକ୍ଷାଭିତ୍ତିକ
30 YEARS
ସମ୍ବାଦ କାଳିକା

ସଙ୍କଟଜନକ ସ୍ଥିତିରେ ବିଶ୍ୱ ଅର୍ଥ ବ୍ୟବସ୍ଥା

ଇସ୍ରାଏଲ-ହମାସ ଯୁଦ୍ଧ ବିଶ୍ୱ ଅର୍ଥବ୍ୟବସ୍ଥା ଏବଂ ଏହାର ବିକାଶକୁ ବଡ଼ ଝଟକା ଦେଇପାରେ। ବିଶ୍ୱ ବ୍ୟାଙ୍କ ମୁଖ୍ୟ ଅଜୟ ବାଙ୍ଗା ଏହି ଚେତାବନି ଦେଇଛନ୍ତି। ସାଉଦି ଆରବରେ ଏକ ନିବେଶକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ବିଶ୍ୱ ଏବେ ଭୟଙ୍କର ମୋଡ଼ରେ ଛିଡ଼ାହୋଇଛି। ବିଶ୍ୱରେ ଏବେ ଯାହା କିଛି ହେଉଛି ତାହା ଅର୍ଥବ୍ୟବସ୍ଥାଗୁଡ଼ିକୁ ବଡ଼ ମାତ୍ରାରେ ପ୍ରଭାବିତ କରିବାକୁ ଯାଉଛି। ଭୁ-ରାଜନୈତିକ ସମସ୍ୟା ଦିନକୁ ଦିନ ଅଧିକ ଭୟଙ୍କର ହେଉଛି। ଏସବୁ ବିଶ୍ୱ ବିକାଶ ହାରକୁ ସଂକୁଚିତ କରିବ। ବାଙ୍ଗା କହିଛନ୍ତି ଯେ, ବିଶ୍ୱ ଅର୍ଥବ୍ୟବସ୍ଥା ପାଇଁ ସବୁଠାରୁ ବଡ଼ ବିପଦ ହେଉଛି ଭୁ-ରାଜନୈତିକ ସମସ୍ୟା। ଏହା ଯୋଗୁ ଆର୍ଥିକ ବିପତ୍ତି ବଢ଼ିଥାଏ। ଏହାକୁ ଅଣଦେଖା କରିବା ଉଚିତ ନୁହେଁ ।

ସୂଚନାଯୋଗ୍ୟ, ଇସ୍ରାଏଲ-ହମାସ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥବ୍ୟବସ୍ଥାରେ ଏବେ ଅନିଶ୍ଚିତତାର ମାହୋଲ, ଏହା ପ୍ରଭାବରେ ବିଶ୍ୱବ୍ୟାପୀ ସେୟାର ବଜାରଗୁଡ଼ିକରେ ହ୍ରାସ ଦେଖିବାକୁ ମିଳୁଛି। ଇସ୍ରାଏଲ-ହମାସ ଯୁଦ୍ଧ ପୂର୍ବରୁ ଅର୍ଥାତ ଅକ୍ଟୋବର ୬ରେ ଭାରତୀୟ ସେୟାର ବଜାର ସୂଚକାଙ୍କ ସେନ୍ସେକ୍ସ ୬୫,୯୯୬ ପଏଣ୍ଟରେ ଥିଲା, ଯାହା ଏବେ ୧,୪୨୫ ପଏଣ୍ଟ ସଂକୁଚିତ ହୋଇ ୬୪,୦୪୯ ପଏଣ୍ଟକୁ ଖସିଯାଇଛି। ଆଲୋଚ୍ୟ ସମୟରେ ଆମେରିକୀୟ ସେୟାର ବଜାର ୧୩,୪୩୧ ପଏଣ୍ଟରୁ ଖସି ୧୩,୦୧୮ ପଏଣ୍ଟକୁ ଆସିଯାଇଛି । କହିବାକୁ ଗଲେ ଅକ୍ଟୋବର ୭ରେ ହମାସ ଆତଙ୍କବାଦୀମାନେ ଗାଜା ପଟିରୁ ଇସ୍ରାଏଲରେ ଅନୁପ୍ରବେଶ କରି ମହିଳା ଏବଂ ଛୋଟ ଛୋଟ ପିଲାମାନଙ୍କ ସମେତ ୧୪୦୦ ଜଣଙ୍କୁ ହତ୍ୟା କରିଥିଲେ। ସେମାନେ ୨୨୨ ଜଣଙ୍କୁ ବନ୍ଧକ ବନାଇ ରଖିଛନ୍ତି। ଏହା ପରେ ଇସ୍ରାଏଲ ଗାଜା ପଟିରେ ପାଲଟା ଆକ୍ରମଣ କରି ୫,୦୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକଙ୍କୁ ହତ୍ୟା କରିଛି ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ ନାମ ମହାତ୍ମ୍ୟ

ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

(କ୍ରମଶଃ)

ଇଂ ସତ୍ୟନାରାୟଣ ମାଝୀ
ଏକତାଳୀ,
ଯଶିପୁର, ମୟୂରଭଞ୍ଜ

କମିଶନର ନୂଆ ଅର୍ଥ

ଆଜି ପର୍ଯ୍ୟନ୍ତ ଦେଶ ଓ ରାଜ୍ୟରେ ସରକାର ଦ୍ୱାରା ଲୋକଙ୍କ ହିତରେ ସାଧାରଣ ଅଧିକାରକୁ ବ୍ୟବସ୍ଥିତ କରିବାରେ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ କମିଶନ ଗଠନ କରାଯାଇଛି। ମହିଳା କମିଶନ,ମାନବାଧିକାର କମିଶନ, ସୂଚନା ଅଧିକାର କମିଶନ, ଅନୁସୂଚିତ ଜନଜାତି କମିଶନ, ଯୋଜନା କମିଶନ୍ ଏମିତି ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କମିଶନ୍ ଲୋକଙ୍କୁ ସୁଶାସନ ପହଞ୍ଚାଇବା ଲାଗି କାର୍ଯ୍ୟ କରୁଛନ୍ତି। ଆହୁରି ଅନେକ କମିଶନ ଗଠନ କରାଯାଇ ଘଟଣାର ତଦନ୍ତ ଓ ଆଇନ୍ ବା ନିୟମରେ ସଂସ୍କାର ଆଣିବାକୁ ଯେମିତି ମଣ୍ଡଳ କମିଶନ୍, ଶାହା କମିଶନ୍, ଖୋସଲା କମିଶନ୍ ଭଳି ବହୁ କମିଶନ ଗଠନ କରାଯାଇଛି।

ଆଜି ଏହି ସବୁ କମିଶନ ପ୍ରସଙ୍ଗରେ ନୁହଁ ଅନ୍ୟ ଏକ କମିଶନ ବାବଦରେ ଆମେ ଜାଣିବା। ଏଠାରେ କମିଶନ୍ ଶବ୍ଦକୁ ଅନ୍ୟ ଏକ ଅର୍ଥରେ ବ୍ୟବହାର କରାଯାଇଛି। ଯାହାକି କମିଶନ୍‌କୁ ଆମେ ବେଳେ ବେଳେ ସାଧାରଣରେ ବ୍ୟବହାର କରିଥାନ୍ତି। ଏହି କମିଶନ୍ ବାବଦରେ କାହାକୁ ବା ଅଛପା ଅଛି। ସବୁ କ୍ଷେତ୍ରରେ କମିଶନ୍‌ର ଶବ୍ଦଟି ବ୍ୟବହାର ହେବାରେ ଲାଗିଛି। ପରିବା ହାଟରୁ ଆରମ୍ଭ କରି ସରକାରୀ ଦପ୍ତର ପର୍ଯ୍ୟନ୍ତ ଏଇ କମିଶନ୍‌ର ପ୍ରଭାବ ରହିଛି। ଦିନେ ରାହୁଲକୁ ଜ୍ୱର ପ୍ରବଳ। ତାତିରେ କମ୍ପି ଉଠୁଥାଏ ରାହୁଲ ପୂରା ଶରୀର। କ'ଣ କରାଯିବ ଘରୋଇ ଚିକିତ୍ସା ପୂର୍ବକ କିଛି ଜଡିବୁଟି ପ୍ରୟୋଗ କରାଗଲା। କିଛି ସମୟ ଜ୍ୱର ଟିକେ କମିଲା ପରେ ପୁଣି ଆରମ୍ଭ ହୋଇଗଲା ଜ୍ୱର। କିଛି ଉପାୟ ନ ପାଇ ଆମ୍ବୁଲାନ୍‌ସ୍‌ର ଯୋଗାଯୋଗ ନଂରେ କଲ୍ କରାଗଲା। କିଛିକ୍ଷଣ ମଧ୍ୟରେ ଆମ୍ବୁଲାନ୍‌ସ୍ ଆସିଗଲା। ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗଲା ବେଳକୁ ଡାକ୍ତର ନାହାଁନ୍ତି ତଥାପି ଡାକ୍ତରଖାନାରେ ଭର୍ତ୍ତି କରିଦିଆଗଲା ଏବଂ କିଛିଟା ଉପଶମ ଲାଗି ଦିଟା ଇଂଜେକସନ ଫୋଡିଦେଲେ ନର୍ସ୍‌ଦିଦି। ଡାକ୍ତର ଆସୁ ଆସୁ ଦି ଘଣ୍ଟା ଲେଟ୍ ହେବ,ଏବେ କ୍ଲିନିକ୍‌ରେ ଅଛନ୍ତି ବୋଲି କହିଲେ। ଯାହା ବି ହେଉ ଡାକ୍ତର ଆସିଲେ ଦେଖିଲେ ଟିକେ ଅନ୍ୟ ରୋଗ ବି ଅଛି,ତେଣୁ ଜ୍ୱର କମୁନି ବୋଲି ପରାମର୍ଶ ଦେଲେ ଡାକ୍ତର। ଏବେ କିଛି ଔଷଧ ଲେଖି ଦେଉଛି,ଏକ ନିର୍ଦ୍ଦିଷ୍ଟ ଦୋକାନର ନାଁ କହି ସେଠାରୁ ନେଇ ଯିବ ବୋଲି ପରାମର୍ଶ ଦେଲେ ଏବଂ ବଡ ସହରର ଏକ ଭଲ ଡାକ୍ତରଖାନା ନାଁ ନେଇ ସେଠାକୁ ଯିବାକୁ କହିଲେ। ମୁଣ୍ଡରେ ଚିନ୍ତା ପଶିଗଲା ହଠାତ୍ ଏମିତି ହୋଇଗଲା ରାହୁଲର। ପ୍ରାଇଭେଟ୍ ଡାକ୍ତରଖାନାକୁ ଗଲେ ତ ସରକାର ଆମ୍ବୁଲାନ୍‌ସ୍ ନେବନି। ତେଣୁ ଏକ ପ୍ରାଇଭେଟ୍ ଆମ୍ବୁଲାନ୍‌ସ୍ ଖୋଜାଗଲା ଏବଂ ମିଳିଗଲା। ତାପରେ ସବୁ ଡାକ୍ତରଖାନାର ଔପଚାରିକତା ସାରି ବାହାରିଗଲୁ ଭଲ ଡାକ୍ତରଖାନା ଅଭିମୁଖେ। ରାତି ପ୍ରାୟ ଦିଟା ସହର ମଧ୍ୟ ଖାଁ ଖାଁ ଲାଗୁଥାଏ। ଏତିକି ଆମ୍ବୁଲାନ୍‌ସ୍ ଡ୍ରାଇଭର କହିଲା ଏଇ ପାଖରେ ଗୋଟେ ଭଲ ଡାକ୍ତରଖାନା ଅଛି ଏଠି ବି ଭଲ ଚିକିତ୍ସା ହୁଏ। ମୁଁ ବହୁତ ରୋଗୀଙ୍କୁ ଏଠିକି ଆଣିଛି, ଭଲ ବି ହୋଇଛନ୍ତି। କହୁ କହୁ ସେଇ ଡାକ୍ତରଖାନା ନିକଟରେ ଆମ୍ବୁଲାନ୍‌ସ୍ ଛିଡା କରିଦେଲା ଡ୍ରାଇଭର। ତା ପରେ ପରେ ଡାକ୍ତରଖାନାରୁ ବାହାରି ଆସିଲେ ରୋଗୀଙ୍କୁ ଭିତରକୁ ନେବା ଦୁଇଜଣ ସହାୟିକା। ଭିତରକୁ ନେଇ ଭର୍ତ୍ତି କରିବା ଲାଗି ଯାହା ସବୁ କାର୍ଯ୍ୟ ଥିଲା ସରିଗଲା ପରେ ଆମ୍ବୁଲାନ୍‌ସ୍ ଡ୍ରାଇଭର ଭଡା ମାଗିଲା।ମୁଁ ପଚାରିଲି ଡାକ୍ତର ତ ଅଲଗା ଡାକ୍ତରଖାନାକୁ ନେବାକୁ କହିଥିଲେ ଭାଇ ତମେ ଏଇଠି ଆଣିଲ। ଆଙ୍କା ଏଇଠି ଭଲ ଚିକିତ୍ସା ହୁଏ, ଆପଣ ଚିକିତ୍ସା ହୋଇ କି ଦେଖନ୍ତୁ। ବିରକ୍ତି ଭାବ ଆସୁଥାଏ କିନ୍ତୁ ସେଇ ସମୟରେ ପ୍ରକାଶ କରିବାଟା ମୁର୍ଖାମୀ ହେବ ବୋଲି ମନେକଲି। ବହୁ ସମୟରେ ଲକ୍ଷ୍ୟ କରାଯାଇଛି ଔଷଧ ଦୋକାନରେ ଦାମ୍ ଠିକ୍ ଥାଉ ନ ଥାଉ, ଡାକ୍ତରଖାନା ଭଲ ଥାଉ ନ ଥାଉ ସେଠାକୁ ତମେ ଯିବାକୁ ବାଧ। କାରଣ ଔଷଧ ଦୋକାନ ଓ ଡାକ୍ତରଖାନାରୁ ସେମାନଙ୍କ ଲାଗି ସତନ୍ତ୍ର କମିଶନ୍ ବ୍ୟବସ୍ଥା ରହିଥିବାରୁ ସେମାନେ ସେଭଳି ପ୍ରସ୍ତାବ ଦେଇଥାନ୍ତି।

ସେଭଳି ଆପଣ ଯେଉଁ କ୍ଷେତ୍ରରେ ପାଦ ଥାପିବା ସେଇ କ୍ଷେତ୍ରରେ କମିଶନ୍ ବ୍ୟବସ୍ଥା ଅଦୃଶ୍ୟ ଭାବେ ଦମ୍ଭର ସହିତ ରହିଛି। ଜଣେ ଇଂଜିନିୟରର ହାର୍ଡୱାର ଦୋକାନୀ ସହିତ କମିଶନ୍ ଲିଙ୍କ୍ ରହିଥିବ। ଜମି କିଣାବିକାରେ ମଧ୍ୟ ସେପରି କାର୍ଯ୍ୟକଳାପ ସାମ୍ନାକୁ ଆସିଛି। ରେଳ ଷ୍ଟେସନ୍ ଓ ବସ୍‌ଷ୍ଟାଣ୍ଡରେ ଓହ୍ଲାଇବେ ଅଟୋବାଲାର ହୋଟେଲ୍ ମାଲିକ ସହିତ ପୂର୍ବରୁ ଲିଙ୍କ୍ ରହିଥିବ। ପାଠପଢାରେ ବି ଏତେ ପିଲା ଆଡମିଶନ୍ କରାଇଲେ ଏତେ ଟଙ୍କା ମିଳିବ ବୋଲି ସହରାଞ୍ଚଳର ଅନେକ ବେସରକାରି ଶିକ୍ଷାନୁଷ୍ଠାନ ତରଫରୁ ଅଦୃଶ୍ୟ ଭାବେ ଏହି ବ୍ୟବସ୍ଥା ରହିଥାଏ। କାହାର ଯଦି କୌଣସି ସରକାରୀବାବୁ ସହ ଟିକେ ଭଲସମ୍ପର୍କ ରହୁଛି,ସେ ଲୋକଟି ସାଧାରଣ ଲୋକଙ୍କର କାମ କରାଇଦେବାକୁ କମିଶନ୍ ନେଉଛି। ଯେଉଁ କାର୍ଯ୍ୟଲାଗି କୌଣସି ଖର୍ଚ୍ଚ ନଥାଇ ମଧ୍ୟ ଲୋକଟିକୁ କମିଶନ ବାବଦକୁ ଖର୍ଚ୍ଚ କରିବାକୁ ପଡିଥାଏ। ଆଉ ବ୍ୟବସାୟରେ ମାର୍କେଟିଂ ସଂସ୍ଥା ବା କମ୍ପାନୀମାନଙ୍କରେ ଏଭଳି କମିଶନ୍? ବ୍ୟବସ୍ଥା ପୂର୍ବରୁ ରହିଛି। ଏତିକି ଜିନିଷ ବିକିଲେ ଏତିକି ଇନ୍‌ସେନ୍‌ଟିଭ୍,ବୋନସ୍ ଆଦି ମିଳେ। କିନ୍ତୁ ବ୍ୟବସାୟକୁ ଛାଡିଦେଲେ ଅନ୍ୟ ବ୍ୟବସ୍ଥା ଗୁଡିକରେ ଆଗରୁ ଏଭଳି ବ୍ୟବସ୍ଥା ନଥିଲା। ସବୁ କାର୍ଯ୍ୟ ବ୍ୟବସାୟୀକରଣ ହେଉଥିବାରୁ କମିଶନ୍ ବ୍ୟବସ୍ଥା ଧିରେ ଧିରେ ଲାଞ୍ଚ ଆଡକୁ ଗତି କରୁଛି। ଯାହାଫଳରେ ଲୋଭ ସୃଷ୍ଟି ହେଉଛି ଏବଂ ମାନବିକତାରେ ମଧ୍ୟ ଉଣା ହେଉଥିବା ମନେ ହେଉଛି। କାରଣ କେବେ କେବେ ଯେ ଏଭଳି କମିଶନ୍ ଚକ୍ରରେ ସାଧାରଣ ଲୋକ ହନ୍ତସନ୍ତ ହୋଇପଡୁଛି।ଅସହାୟ ହୋଇ କ୍ଷତିଗ୍ରସ୍ତ ମଧ୍ୟ ହୋଇଛନ୍ତି।



ପୁଣ୍ୟ ପ୍ରଦୀପ ମିଶ୍ର
ପ୍ଲଟ ନଂ-୪୮୫/୨ (ପି)
ଶହୀଦ ନଗର, ଭୁବନେଶ୍ୱର
ମୋ : ୯୦୪୦୦୯୫୧୦୧

ଶହେ ବର୍ଷ ତଳେ...

କୌଣସି ଘଟଣାର ଶତ ବର୍ଷ ପୂର୍ତ୍ତି ପାଳନ ଆମର ସ୍ମୃତିକୁ ସତେଜ କରିଦିଏ। ଆମେ ଅତୀତର ସ୍ମୃତିକୁ ସ୍ମରଣ କରି ସେଥିରୁ ପ୍ରେରଣା ପାଇଥାଉ। ପୂଜ୍ୟ ପୂଜାର ଅନ୍ୟତମ ନିଦର୍ଶନ ହେଉଛି ସେହି ମହାମନୀଷୀଙ୍କ କୃତିକୁ ସାଦର ସ୍ୱୀକୃତି ଦେବା। ପ୍ରଧାନ ପ୍ରଧାନ ସାହିତ୍ୟ କୃତିର ସୁବର୍ଣ୍ଣ ଜୟନ୍ତୀ ବା ଶତ ବର୍ଷ ପୂର୍ତ୍ତି ପାଳନ ଆମ ପାଇଁ ଗୌରବର ବିଷୟ।

ଶହେ ବର୍ଷ ତଳେ ଆମ ଦେଶରେ ଜାତୀୟତାର ଉନ୍ମେଷ ଘଟିଥିଲା। ୧୯୨୧ ଖ୍ରୀ.ଅ.ରେ ମହାତ୍ମା ଗାନ୍ଧୀ ଇଂରେଜ ସରକାର ବିରୋଧରେ ଅସହଯୋଗ ଆନ୍ଦୋଳନର ଡାକରା ଦେଇଥିଲେ। ସେ ସମୟରେ ପଣ୍ଡିତ ଗୋପବନ୍ଧୁ ଦାସ ନବଗଠିତ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ହୋଇଥିଲେ। ଗୋପବନ୍ଧୁ ଓଡ଼ିଶାର ପୁରପଲ୍ଲୀରେ ଅସହଯୋଗର ମନ୍ତ୍ର ତାଙ୍କର ସାପ୍ତାହିକ 'ସମାଜ' ପତ୍ରିକା ଏବଂ ଭାଷଣ ମାଧ୍ୟମରେ ପ୍ରଚାର କଲେ। ଅସହଯୋଗ ଆନ୍ଦୋଳନରେ ଯୋଗଦାନ ବା ତତ୍‌କାଳୀନ ନିଷେଧାଦେଶ ଅବଜ୍ଞା ଯୋଗୁଁ ପଣ୍ଡିତ ଗୋପବନ୍ଧୁଙ୍କ ବିରୋଧରେ ମକଦ୍ଦମା ରୁଜୁ ହୋଇ ବିଚାର ପରେ ରାୟ ପ୍ରକାଶ ପାଇଲା। ୧୯୨୨ ଖ୍ରୀ.ଅ.ରେ କୋର୍ଟର ରାୟ ଅନୁସାରେ ପଣ୍ଡିତ ଗୋପବନ୍ଧୁଙ୍କୁ ଦୁଇ ବର୍ଷ ବିନା ଶ୍ରମ କାରାଦଣ୍ଡ ଆଦେଶ ଶୁଣାଇ ଦିଆଗଲା। ସେଥି ଅନୁଯାୟୀ ୧୯୨୨ ଖ୍ରୀ.ଅ.ରୁ ୧୯୨୪ ଖ୍ରୀ.ଅ. ଯାଏ ଦୁଇବର୍ଷ ଗୋପବନ୍ଧୁ ହଜାରିବାଗ ଜେଲ୍‌ରେ କାରାଦଣ୍ଡ ଭୋଗିଲେ।

୧୯୨୪ ଖ୍ରୀ.ଅ. ଜୁନ୍ ମାସରେ ପଣ୍ଡିତ ଗୋପବନ୍ଧୁ ହଜାରିବାଗ ଜେଲ୍‌ରୁ ଖଲାସ ହେଲେ। ସେ କଟକରେ ପହଞ୍ଚିବା ପରେ ସେଠାରେ ଏକ ବିରାଟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସେହି ସଭାରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ପଣ୍ଡିତ ଗୋପବନ୍ଧୁଙ୍କୁ 'ଉତ୍କଳ ମଣି' ଉପାଧିରେ ଭୂଷିତ କଲେ। ସେହିଦିନଠାରୁ ସେ ଉତ୍କଳମଣି ଗୋପବନ୍ଧୁ ନାମରେ ପରିଚିତ ହେଲେ। ଏହା ୧୯୨୪ ଖ୍ରୀ.ଅ. ଅର୍ଥାତ୍ ୧୦୦ ବର୍ଷ ତଳର ଘଟଣା। ହଜାରିବାଗ୍ ଜେଲ୍‌ରେ ଥିବାବେଳେ ୧୯୨୩-୨୪ ଖ୍ରୀ.ଅ.ରେ ଗୋପବନ୍ଧୁ 'ବନ୍ଦୀର ଆତ୍ମକଥା', 'କାରା କବିତା' ଇତ୍ୟାଦି ରଚନା କରିଥିଲେ। ପରବର୍ତ୍ତୀ କାଳରେ ଏହା ପୁସ୍ତକ ଆକାରରେ ପ୍ରକାଶିତ ହେଲା। ତେଣୁ 'ବନ୍ଦୀର ଆତ୍ମକଥା' ଓ 'କାରା କବିତା' ଭଳି କୃତିର ଶତ ବର୍ଷ ପୂର୍ତ୍ତି ପାଳନ କରାଯିବା ଉଚିତ ମନେ କରେ। ସେ ସବୁ ରଚନା ଦେଶାତ୍ମବୋଧକ ଏବଂ ଉଦ୍‌ବୋଧନମୂଳକ ରଚନା। ଉତ୍କଳମଣି ଗୋପବନ୍ଧୁଙ୍କ ଉପରୋକ୍ତ ଅନବଦ୍ୟ କୃତି ସମ୍ବନ୍ଧରେ ଅନ୍ୟତ୍ର ବିଶେଷ ଭାବେ ଚର୍ଚ୍ଚା କରାଯାଇପାରେ। ଏହିସବୁ ଦୃଷ୍ଟିରୁ ଓଡ଼ିଶାର ଜନଜୀବନରେ ୧୯୨୪ ଖ୍ରୀ.ଅ. ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ଏହା ସ୍ମରଣୀୟ ହୋଇ ରହିବ।

ସେହି ସମୟରେ ଉତ୍କଳମଣି ଗୋପବନ୍ଧୁଙ୍କ ସହକର୍ମୀ ତଥା ସତ୍ୟବାଦୀର ପଞ୍ଚ ସଖା ଭାରତୀୟ ଜାତୀୟ ଆନ୍ଦୋଳନରେ ଯେଉଁଭଳି ଭାବରେ ସକ୍ରିୟ ଅଂଶଗ୍ରହଣ କରିଥିଲେ, ତାହା ପ୍ରଣିଧାନଯୋଗ୍ୟ। ଗୋପବନ୍ଧୁଙ୍କ ପରାମର୍ଶରେ ପଣ୍ଡିତ ନୀଳକଣ୍ଠ ଦାସ ଜାତୀୟ ସ୍ତରରେ ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଯେଉଁ ପ୍ରଚେଷ୍ଟା ଚାଲିଥିଲା ତାହାକୁ ପଣ୍ଡିତ ନୀଳକଣ୍ଠ ତାଙ୍କର କାର୍ଯ୍ୟ ଯୋଗେ ପ୍ରଭାବଶାଳୀ କରିପାରିଥିଲେ।

ଏସବୁ ଐତିହାସିକ ଘଟଣାବଳୀ ଘଟିବାର ଶତାଧିକ ବର୍ଷ ବିତିଗଲାଣି। ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ମହାପୁରୁଷଙ୍କ ତ୍ୟାଗ ଓ ନିଷ୍ଠା ଆଜି ମଧ୍ୟ ଜନମାନସରେ ଉଜ୍ଜୀବିତ ହୋଇରହିଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ଗୋପବନ୍ଧୁଙ୍କ ଅବଦାନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ତ୍ୟାଗୀ ଗୋପବନ୍ଧୁଙ୍କ ଜନ ସେବା ତଥା ଦେଶ ସେବା ଯୋଗୁଁ ଯଥାର୍ଥରେ ସେ କେଳବ ଉତ୍କଳମଣି ନୁହନ୍ତି, ବିଶ୍ୱମଣି ଭାବେ ତାଙ୍କୁ ଅଭିହିତ କରାଯାଇପାରେ। ସେଥିପାଇଁ ସେ ଗାଇଛନ୍ତି -

'ଜାତୀୟ ମମତା ବିଶ୍ୱ ଜନ ପ୍ରୀତି,
ଉତ୍କଳବାସୀର ହେଉ ଏହା ନୀତି।' (ବନ୍ଦୀର ଆତ୍ମକଥା)

ଆମେ କେବଳ ଜାତୀୟ ଭାବଧାରାରେ ନୁହେଁ, ବିଶ୍ୱ ଜନପ୍ରୀତିରେ ଉଦ୍‌ବୁଦ୍ଧ ହେବା।

ମଧୁସ୍ମିତା ସାହୁ
ଭାରତୀୟ ଜନ ସଞ୍ଚାର ସଂସ୍ଥାନ,
ଢେଙ୍କାନାଳ
ମୋ: ୮୧୪୪୯୬୯୨୩୭

ଓଡ଼ିଆ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତି ହିଁ ଉତ୍କଳ ପ୍ରଦେଶର ଏକ ସ୍ୱତନ୍ତ୍ର ପରିଚୟ ବହନ କରିଛି

ବନ୍ଦେ ଉତ୍କଳ ଜନନୀ। ଉତ୍କଳ ଉତ୍କୃଷ୍ଟ କଳାର ଦେଶ। ଭାଷା ନାହିଁ ତ ଆମର ଜାତି ନାହିଁ। ଉତ୍କଳର କାରୁକାର୍ଯ୍ୟ, ପର୍ବପର୍ବାଣି, ପ୍ରଥା ଓ ପରମ୍ପରା ବିଶ୍ୱବିଦିତ। ଇତିହାସର ପୃଷ୍ଠା ଭିତରେ ଉତ୍କଳୀୟମାନଙ୍କର ବୀରତ୍ୱ, ତ୍ୟାଗ, ଆଦର୍ଶ ଓ ପରମ୍ପରା ଚର୍ଚ୍ଚିତ ବିଶ୍ୱବିଖ୍ୟାତ। ଅତୀତରେ ଆମର ଏହି ଉତ୍କଳ ଥିଲା ଛିନ୍ନମସ୍ତା। ବିଶ୍ୱରେ, କେଉଁଠାରେ ବି ଏପରି ମନମୁଗ୍ଧକର ସୌନ୍ଦର୍ଯ୍ୟମୟୀ କଳା, ଭାଷା, ସଂସ୍କୃତି ତଥା ସାମାଜିକ ମୂଲ୍ୟବୋଧ ଭଳି ଅନେକ ବୈଶିଷ୍ଟ୍ୟତାର ସମ୍ମିଶ୍ରଣ ଦେଖିବାକୁ ମିଳିବ ନାହିଁ ଯାହା କେବଳ ଓଡ଼ିଶାରେ ଅନୁଭୂତ ହୁଏ। ତେବେ ଏହାକୁ ମନେରଖିବା ପାଇଁ ଏପ୍ରିଲ ୧କୁ ଉତ୍କଳ ଦିବସ ରୂପେ ପାଳନ କରିବା ହେଉଛି ପ୍ରତ୍ୟେକ ଓଡ଼ିଆ ପାଇଁ ଗୌରବର ବିଷୟ। ଅତୀତର ମହାନାୟକ, ସେନାନାୟକ ଏବଂ ଚିନ୍ତାନାୟକମାନଙ୍କ ଅବଦାନକୁ ମନେ ପକାଇବା ପାଇଁ ଏହି ଦିବସଟି ଉତ୍ସର୍ଗୀକୃତ। ୧୫୫୮ ମସିହାର କଥା, ଓଡ଼ିଶାର ଶେଷ ସ୍ୱାଧୀନ ରାଜ୍ୟ ତେଲେଙ୍ଗା ମୁକୁନ୍ଦଦେବ ଗୋହିରାଟିକିରି ଯୁଦ୍ଧରେ ପରାସ୍ତ ହେଲେ। ସେହିଦିନ ଓଡ଼ିଶାର ସ୍ୱାଧୀନ ସୂର୍ଯ୍ୟ ଅସ୍ତମିତ ହୋଇଗଲା। ଓଡ଼ିଆମାନେ ସୁଦୀର୍ଘ ୨୯୦ ବର୍ଷ ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜ ମାନଙ୍କଦ୍ୱାରା ପରାଧିନ ବେଡ଼ିରେ ଆବଦ୍ଧ ହେଲେ। ସେମାନଙ୍କ ଦ୍ୱାରା ଶାସିତ ହେଲେ ଅତ୍ୟାଚାରିତ ହେଲେ। ଦୀର୍ଘଦିନ ଧରି ରାଜତନ୍ତ୍ରର ଚକ ତଳେ ଦଳିତ ଏବଂ ନିଷ୍ପେସିତ ହୋଇ ଆସୁଥିବା ପ୍ରଜାମାନେ ସ୍ୱାଧୀନତାର ସ୍ୱାଦ ଉପଲବ୍ଧି କରିଥିଲେ ୧୯୩୬ ମସିହା ଏପ୍ରିଲ ପହିଲା ଦିନ। ଶାସକ ଓ ଶାସିତ ମଧ୍ୟରେ ଥିବା ଭେଦଭାବର ପ୍ରାଚୀର ଭାଙ୍ଗିଯାଇଥିଲା । ଉତ୍କଳ ଜନନୀର ସନ୍ତାନ ରୂପେ ସମସ୍ତେ ନିଜକୁ ଗର୍ବିତ ଏବଂ ଗୌରବାନ୍ୱିତ ମନେକରିଥିଲେ। ଓଡ଼ିଶା ଥିଲା ଭାରତର ଏକାଦଶ ସ୍ୱତନ୍ତ୍ର ରାଜ୍ୟ। ସାରା ଭାରତରେ ଓଡ଼ିଶା ସର୍ବପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହେଲା। ବାସ୍ତବିକ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣର ସ୍ମୃତି ପ୍ରତ୍ୟେକ ଓଡ଼ିଆମାନଙ୍କୁ ଆନନ୍ଦବିଭୋର କରିଥିଲା ସେଦିନ। ଇତିମଧ୍ୟରେ ୧୯୩୬ରୁ ୨୦୨୪ ଦୀର୍ଘ ୮୮ ବର୍ଷ ହୋଇଗ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୧ ଅପ୍ରେଲ ୨୦୨୪ ରବିବାର

କେନ୍ଦୁଝର: ରାସ୍ତା ଉପରକୁ ଆଉଜିଛି ଗଛର ଡାଳ

ପେଟ୍ରୋଲ ପମ୍ପରେ ପିତା କଲେଇ ପୋକର ଆସର

କିଲିବିଲି କରୁଛି ଖରା, ଗଛ ଛାଇରେ ଆଶ୍ରୟ ପଥିକ (ଫଟୋ: ସୁରଜିତ ନ୍ୟୁଜ୍)

ବୁଥ୍ ସ୍ତରୀୟ ଅଧିକାରୀଙ୍କ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଜୁନ୍ ମାସ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି । ପୂର୍ବ ନିର୍ବାଚନ ଅପେକ୍ଷା ଏଥର ଭୋଟ୍‌ଦାନ ହାରରେ ବୃଦ୍ଧି ଓ ଶୂନ୍ୟ ରି-ପୋଲ୍ ଲକ୍ଷ୍ୟରେ ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକ୍ ଏବଂ କେନ୍ଦ୍ରପଡ଼ା ମ୍ୟୁନିସିପାଲିଟିର ୯୦୦ରୁ ଅଧିକ ବୁଥ୍‌ସ୍ତରୀୟ ଅଧିକାରୀ ଅଂଶ ଗ୍ରହଣ କରି ଜିଲ୍ଲା ପ୍ରଶାସନର ଏହି ଲକ୍ଷ୍ୟକୁ ସାକାର କରିବେ ବୋଲି ନିଜ ନିଜର ପ୍ରତିକ୍ରିୟାରେ କହିଥିଲେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ

ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ, ନିର୍ବାଚନର ସଫଳ ରୂପାୟନ ପାଇଁ ତୃଣମୂଳ ସ୍ତରରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିରନ୍ତର ସଂଶୋଧନ ପ୍ରକ୍ରିୟାରେ ମୁଖ୍ୟ ଭୂମିକା ଗ୍ରହଣ କରି ଆସିଥିବା ଏହି ଅଧିକାରୀ ମାନେ ଅନୁପସ୍ଥିତ ଭୋଟର୍ ମାନଙ୍କ ଭୋଟ୍ ଗ୍ରହଣ, ଭୋଟର ସୂଚନା ପତ୍ର ବଣ୍ଟନ, ଭୋଟର ସହାୟତା କେନ୍ଦ୍ରରେ ମଧ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଅନୁପସ୍ଥିତ ମତଦାତା ବା ଆବ୍‌ସେଂଟି ଭୋଟର୍‌ମାନେ ପୋଷ୍ଟାଲ୍ ବାଲାଟ୍ ସିଷ୍ଟମ୍ ଦ୍ୱାରା ଭୋଟ୍ ଦେବାକୁ ଯୋଗ୍ୟ ଅଟନ୍ତି । ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ୪୦% ପ୍ରତିଶତରୁ ଉର୍ଦ୍ଧ୍ୱ ଶାରୀରିକ ଅକ୍ଷମତା ଥିବା ବ୍ୟକ୍ତି, ନିର୍ବାଚନ ଆୟୋଗଙ୍କ ଦ୍ୱାରା ଅଧିସୂଚୀତ ଅତ୍ୟାବଶ୍ୟକୀୟ ସେବାରେ ନିଯୁକ୍ତ ହୋଇଥିବା ବ୍ୟକ୍ତି ବିଶେଷ ପୋଷ୍ଟାଲ୍ ବାଲାଟ୍ ସିଷ୍ଟମ୍ ଦ୍ୱାରା ଭୋଟ୍ ଦେଇପାରିବେ । ହୋମ୍ ଭୋଟିଙ୍ଗ୍ ପାଇଁ ସେମାନଙ୍କୁ ୧୨-(ଡି) ଫର୍ମ ପ୍ରଦାନ କରି ଭୋଟଦାନକୁ ସୁନିଶ୍ଚିତ କରାଇବେ ବୁଥ୍ ସ୍ତରୀୟ ଅଧିକାରୀ । ନିର୍ବାଚନରେ ଭିନ୍ନକ୍ଷମ ମତଦାତାମାନଙ୍କର ସକ୍ରିୟ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ସୁଗମ ଭୋଟର୍ ସୂଚନା ସ୍ଲିପ୍ ବଣ୍ଟନ କରିବେ । ଏଏମ୍‌ଏଫ୍ ଫାସିଲିଟିଜ୍ ଯଥା ପାନୀୟଜଳ, ଟଏଲେଟ୍, ରାମ୍ପ୍, ଲାଇଟ୍ ଆଦି ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବେ । ପ୍ରତ୍ୟେକ ମତଦାନ କେନ୍ଦ୍ରର ପରିସରରେ ଥିବା ଭୋଟର ସହାୟତା କେନ୍ଦ୍ର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସଂସ୍ଥାପିତ ଓ ପରିଚାଳିତ ହୋଇଥାଏ । ଶତ ପ୍ରତିଶତ ଭୋଟଦାନ ପାଇଁ ନିର୍ବାଚନ ଆୟୋଗଙ୍କ ଫ୍ଲାଗ୍‌ସିପ୍ କାର୍ଯ୍ୟକ୍ରମ ଏସ୍‌ଭିଇଇପିକୁ ବୁଥ୍ ସ୍ତରୀୟ ଅଧିକାରୀ ମାନେ ତ୍ୱରାନ୍ୱିତ କରିବେ । ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ କେନ୍ଦ୍ରାପଡ଼ା ତହସିଲ୍‌ର ତହସିଲ୍‌ଦାର ଏବଂ ବ୍ଲକ୍‌ର ବିଡିଓ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ନାମ ସଂକୀର୍ତ୍ତନ ଓ ଦ୍ୱାଦଶ ଦୀପ କଳସ ମହାଯଜ୍ଞ ସମାପିତ

ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ

ରାଧାକୃଷ୍ଣ ଉନ୍ନୟନ ପରିଷଦର ସଂଯୋଜନାରେ ଖଲିଆକାନୀ ନାମଯଜ୍ଞ ମଣ୍ଡପରେ ନାମ ସଂକୀର୍ତ୍ତନ ଓ ଦ୍ୱାଦଶ ଦୀପ କଳସ ମହାଯଜ୍ଞ ସମାପନ ହୋଇଯାଇଛି । ଏହି ମହାଯଜ୍ଞର ମୁଖ୍ୟ ପରିଚାଳନା ଭାର ପରିଷଦର ମୁଖ୍ୟ ସଂଯୋଜକ ମହେନ୍ଦ୍ର ନାଏକ, ସଭାପତି କ୍ଷୀରୋଦ ପ୍ରଧାନ, ସମ୍ପାଦକ ଲରେନ୍ସ ପ୍ରଧାନ ଥିବା ବେଳେ ପୂଜକ କିରୀତମାଳର ଭମର ଦାସ, କର୍ତ୍ତା ଭାଗିରଥୀ ବିଶି, ଷଡବଷ୍ଟବ ସୁରେନ୍ଦ୍ର ବଢେଇ, ଭୀମସେନ ରଣା, ଡିଲେଶ୍ୱର ବିଶି, ଗଙ୍ଗାଧର ଭୋଇ, ଶତ୍ରୁଘ୍ନ ଧରେଇ, ଲେଲିନ ବଢାଇ କାର୍ଯ୍ୟ ତୁଲେଇ ଥିଲେ । ଏହି ମହାଯଜ୍ଞ ୨୦୦୯ରୁ ଆରମ୍ଭ ହୋଇ ୨୦୨୪ରେ ଦ୍ୱାଦଶ ଥର ସମାପନ ମଧ୍ୟରେ ଋରି ଥର ଆହ୍ଲାବାଦର ତ୍ରିବେଣୀ ଠାରୁ ପୂର୍ଣ୍ଣ କଳସ ଆସିଥିବା ବେଳେ ଉତ୍ତରାଖଣ୍ଡର ହରୀଦ୍ୱାର, ପଶ୍ଚିମବଙ୍ଗର ନଦୀଆ, ଗୁଜରାଟର ଦ୍ୱାରିକା, ତାମିଲନାଡୁର ରାମେଶ୍ୱରମ୍, ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ, ବଦ୍ରୀନାଥ, ପୁରୀ ମହୋଦଧି, ଝାରସୁଗୁଡାର ଇରାବତୀ ନଦୀ, ଖଲିଆକାନୀର କୁରେମୁଣ୍ଡା ପୋଖରୀରୁ ଶହସ୍ରାଧିକ ପୂର୍ଣ୍ଣ କଳସ ଭକ୍ତମାନେ ସ୍ୱଇଚ୍ଛାରେ କଳସ ଯାତ୍ରାରେ ଯୋଗଦେଇ ମୁଖ୍ୟ ମଣ୍ଡପରେ କଳସ ସ୍ଥାପନ କରିଥିଲେ । ଏହି କଳସ ଯାତ୍ରା ଅବସରରେ ବିଭିନ୍ନ ସମୟରେ ଭକ୍ତମାନେ ଋଷିକେଶ, ମସୁରୀ, ଅଯୋଧ୍ୟା, ବନାରସ, ଗୋପ, ମଥୁରା, କୋଲକାତା, ଗଙ୍ଗାସାଗର, ଗୟା, ଭେଟ, ଦ୍ୱାରକା, ସୋମନାଥ, କନ୍ୟାକୁମାରୀ, ମଦୁରାଇ, କେଡେଇ କେନାଲ, କୋଣାର୍କ, ଲିଙ୍ଗରାଜ ମନ୍ଦିର, ପୁରୀ ଜଗନ୍ନାଥ ମନ୍ଦିର ଚିଲିକା ଆଦି ମୁଖ୍ୟ ପରିଦର୍ଶନ ସ୍ଥାନ ଦେଖିପାରିଛନ୍ତି । ଆଗାମୀ ତ୍ରୟୋଦଶ ମହାଯଜ୍ଞ ପାଇଁ ନେପାଳର ଗଣ୍ଡକୀ ନଦୀରୁ ଶହସ୍ରାଧିକ ଭକ୍ତ ପୂର୍ଣ୍ଣ କଳସ ଆଣିବା ପାଇଁ ସହମତି ଦେଇସାରିଛନ୍ତି । ତ୍ରୟୋଦଶ ମହାଯଜ୍ଞ ନିର୍ମାଣାଧିନ ଥିବା ରାଧାକୃଷ୍ଣ ମନ୍ଦିର ପରିସରରେ ନିର୍ମିତ ହୋଇଥିବା ନୂତନ ମଣ୍ଡପରେ ଅନୁଷ୍ଠିତ ହେବ ବୋଲି ପରିଷଦର ମୁଖ୍ୟ ସଂଯୋଜକ ଶ୍ରୀ ନାଏକ ଜଣାଇଛନ୍ତି ।

ବାସନ୍ତୀ ଦୁର୍ଗାପୂଜା:ଭକ୍ତମାନଙ୍କ ପ୍ରବଳ ଭିଡ଼

ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ

ମହାକାଳପଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ମା' ବାସନ୍ତୀ ଦୁର୍ଗା ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ପୂଜା ମଣ୍ଡପ ଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ପୂର୍ଣ୍ଣାହୁତୀ ଦେଖିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ଅବସରରେ ଦେଉଳପଡ଼ା ପଞ୍ଚାୟତ ଓଳିହା ଗ୍ରାମରେ ୬୩ ତମ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ମୁରବି ମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପୂଜା ଦୀର୍ଘ ବର୍ଷ ଧରି ଚାଲିଛି । ଗ୍ରାମବାସୀମାନଙ୍କର ଉଦ୍ୟମ ଓ ସହଯୋଗରେ ଏ ପୂଜା ହୋଇଥାଏ । ଏହାଦ୍ୱାରା ଗ୍ରାମରେ ଭାଇଚାରା, ଏକତା ତିଆରି ହୋଇଥାଏ ବୋଲି ପୂଜା କମିଟିର ସଦସ୍ୟ ତଥା ଗ୍ରାମବାସୀମାନେ କୁହନ୍ତି । ପବିତ୍ରତା ସହକାରେ ଗ୍ରାମର ପ୍ରତ୍ୟେକ ପରିବାର ଏହି ପୂଜାରେ ଭାଗ ନିଅନ୍ତି । ଓଳିହା ଗ୍ରାମ ଏକ ଛୋଟିଆ ଗ୍ରାମ ହେଲେ ମଧ୍ୟ ସେମାନଙ୍କର ବିଚାର ଧାରା ଓ ଧର୍ମୀୟ ଭାବନା ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି । ପୂର୍ବ ପ୍ରସ୍ତୁତି ଅନୁଯାୟୀ ଗ୍ରାମରେ ବାସନ୍ତୀ ପୂଜା ହୋଇଥାଏ । ଗ୍ରାମବାସୀଙ୍କର ଏହି ମହତ କାର୍ଯ୍ୟକୁ ଦେଉଳପଡ଼ା ପଞ୍ଚାୟତବାସୀ ଭୂରିଭୂରି ପ୍ରଶଂସା କରୁଛନ୍ତି ।

ବିଶିଷ୍ଟ ସମାଜସେବୀଙ୍କ ପରଲୋକ:ବିଭିନ୍ନ ମହଲରେ ଶୋକ

ନିଷ୍କିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଷ୍କିନ୍ତକୋଇଲି ବ୍ଲକ ମଣିଜଙ୍ଗ ଗ୍ରାମର ବିଶିଷ୍ଟ ସମାଜସେବୀ ଉମାନାଥ ମହାନ୍ତିଙ୍କର ତାଙ୍କ ବାସଭବନରେ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ମହାନ୍ତି ଗତ କିଛି ଦିନ ହେଲା ଶ୍ୱାସ ଜନିତ ରୋଗରେ ପୀଡିତ ଥିଲେ । ଶ୍ରୀ ମହାନ୍ତି ସ୍ଥାନୀୟ ମଣିଜଙ୍ଗ ସ୍ଥିତ ଭଗବତୀ ମହିଳା ମହାବିଦ୍ୟାଳୟ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ଥିଲେ । ତାଙ୍କ ନେତୃତ୍ୱରେ ସମଗ୍ର ଦ୍ୱିପାଞ୍ଚଳର ବହୁସ୍ଥାନରେ ଏକାଧିକ ଭାଗବତ ଟୁଙ୍ଗି, ଶିକ୍ଷାନୁଷ୍ଠାନ, ମନ୍ଦିର ନିର୍ମାଣ କରାଯାଇଥିଲା । ଏକାଧାରରେ ସ୍ୱର୍ଗତ ମହାନ୍ତି ଜଣେ ଶିକ୍ଷାବିତ, ସମାଜସେବୀ ଓ ପରୋପକାରୀ ବ୍ୟକ୍ତି ହିସାବରେ ସମଗ୍ର ଦ୍ୱିପାଞ୍ଚଳରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ କନିଷ୍ଠ ପୁତ୍ର ପ୍ରକାଶ ମହାନ୍ତି, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ମଣିଜଙ୍ଗ ଗ୍ରାମପଞ୍ଚାୟତର ଯୁବ ସମାଜସେବୀ ସର୍ବେଶ୍ୱର ନାୟକ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ସାହୁ, ସରପଞ୍ଚ ସାରଦା ପ୍ରସାଦ ମହାନ୍ତି, ସମିତି ସଭ୍ୟା ସ୍ୱର୍ଣ୍ଣଶିକ୍ଷା ମହାନ୍ତି, ପ୍ରସନ୍ନ କୁମାର ସାହୁ, ଭଗବତୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ନିତ୍ୟାନନ୍ଦ ନାୟକ, କିରାଣୀ ଶରତ ଚନ୍ଦ୍ର ବହେରା, ରଞ୍ଜନ କୁମାର ବେହେରା, ମିଟୁ ବିଶ୍ୱାଳ, ସମୀର କୁମାର ସାହୁ, ପ୍ରମୋଦ କୁମାର ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ତାଙ୍କର ମରଶରୀରରେ ମାଲ୍ୟାର୍ପଣ କରିଥିଲେ । ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ ଶଯ୍ୟାରେ ଦାହ କରାଯାଇଥିଲା । ତାଙ୍କର ଜ୍ୟେଷ୍ଠପୁତ୍ର ବିକାଶ ମହାନ୍ତି ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସମଗ୍ର ଦ୍ୱିପାଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ନିଷ୍କିନ୍ତକୋଇଲି ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ର କୁମାର ବାରିକ, ପୂର୍ବତନ ସରପଞ୍ଚ ସରୋଜ କୁମାର ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

ବିଜେପିର ତରତରା ପଞ୍ଚାୟତ ଦୁଡୁଗାଁରେ ମିଶ୍ରଣ ପର୍ବ

ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ

ଆନନ୍ଦପୁରର ତରତରା ପଞ୍ଚାୟତର ଦୁଡୁଗାଁରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୦୦ରୁ ଉର୍ଦ୍ଧ୍ୱ ଲୋକ ବିଜେଡି ଓ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଛନ୍ତି । ବିଜେପି ନେତା ଦେବାଶିଷ ସେନାପତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାମ ଦେହୁରୀ, ଗଣିଆ ଦେହୁରୀ ବିଜୁ ସାହୁ, ଶରତ ସାହୁ ଓ ବିନୋଦ ଦେହୁରୀଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଯୋଜନାରେ ପ୍ରଭାବିତ ହେବା ସହ ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀଙ୍କ ନେତୃତ୍ୱକୁ ଭରସା କରି ବିଜେପିରେ ସାମିଲ ହେଲେ ବୋଲି ପ୍ରକାଶ କରିଛନ୍ତି । ବିଜେପିର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ବରିଷ୍ଠ ନେତା ରାମଚନ୍ଦ୍ର ସାହୁ, ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଟୁକୁନା ମହାନ୍ତ, ବିଜୟ ଜେନା, ତପନ ପାତ୍ର, ସୋନାଲି ମହାନ୍ତି, ସୋମନାଥ ଖଟୁଆଙ୍କ ସମେତ ଉପସ୍ଥିତ ସମସ୍ତ ନେତୃମଣ୍ଡଳୀ ନବାଗତ ମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଏ ଅବସରରେ ନୂଆ କରି ବିଜେପିରେ ସାମିଲ ହୋଇଥିବା କାର୍ଯ୍ୟକର୍ତ୍ତା ମାନେ ଏ ସାଧାରଣ ନିର୍ବାଚନରେ ବିଜେପିକୁ ଜିତେଇବା ପାଇଁ ସଂକଳ୍ପ ନେଇଥିଲେ ।

୧୦୦ ଲିଟର ମଦ ଜବତ:୨ ଗିରଫ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ବିନିକା ସୋନପୁର ମୁଖ୍ୟ ରାସ୍ତାର ତୁଲୁଣ୍ଡୁପାଲି ଛକ ନିକଟରେ ବାଇକ୍ ସହ ୧୦୦ ଲିଟର ମଦ ଜବତ କରିବା ୨ ଜଣ ବ୍ୟକ୍ତିକୁ ବିନିକା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାଇ ବିନିକା ପୁଲିସର ଏକ ଟିମ୍ ବିନିକା ଥାନା ତୁଲୁଣ୍ଡୁପଲି ଛକ ନିକଟରେ ଖବରପାଇ ଛପିଥିବା ସମୟରେ ସୋନପୁର ପଟରୁ ୨ ଜଣ ବ୍ୟକ୍ତି ବାଇକ୍ ଯୋଗେ ଆସୁଥିବା ବେଳେ ପୋଲିସ ଆସାମୀମାନଙ୍କୁ ଅଟକାଇ ଚଢଉ କରିଥିଲେ । ଚଢ଼ଉ ବେଳେ ବାଇକ୍ ସହ ମଦ ଜବତ କରି ସୋନପୁର ବ୍ଲକ ଉପର ଫବସି ଗ୍ରାମର ରାକେଶ ନାଗ ଓ ପୂର୍ଣ୍ଣନିଧି ବଡ଼ିକାଙ୍କୁ ଗିରଫ କରିବା ସହ ତାଙ୍କ ନାମରେ ଏକ ମାମଲା ରୁଜୁ କରି ଡାକ୍ତରମଇନା ପରେ ଉଭୟ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

କତା କଣ୍ଢେଇ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିଷ୍କିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଚାଲିଥିବା ୬ ମାସିଆ କତା କଣ୍ଢେଇ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ନିଷ୍କିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମପଞ୍ଚାୟତ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ ଶଯ୍ୟାରେ ଅବସ୍ଥିତ ମା' ଚର୍ଚ୍ଚିକାଇ ମନ୍ଦିର ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କଟକ ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ତରୁଣକାନ୍ତ ମହାନ୍ତି ମୁଖ୍ୟ ଅତିଥିରୂପେ ଯୋଗଦାନ କରି କତା କଣ୍ଢେଇ ତିଆରି ଓ କତାଶିଳ୍ପ ସ୍ଥାପନ ପ୍ରତି ସରକାରଙ୍କ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିଳ୍ପ ବିକାଶ ଅଧିକାରୀ ମନୋଜ କୁମାର ମହାପାତ୍ର, ନମିତା ମିଶ୍ର, ପରିବାର ଅନୁଷ୍ଠାନର ସଭାପତି ବଲ୍ଲଭ ଚରଣ ପଲେଇ, ପ୍ରଶିକ୍ଷିକା ମନ୍ଦାକିନି ମଲ୍ଲିକ, ସୌଦାମିନି ପତି ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ପରିବାର ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଣତି ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ନିବେଦିତା ପଶାୟତ, ବୈଶାଖୀ ବେହେରା, ଭାନୁମତି ବେହେରା, ପ୍ରମିଳା ବେହେରା, ସ୍ନେହମୟୀ ମଲିକ ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ଉତ୍କଳ ଜନନୀ ଓ ଧରିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଅଂଶ ଗ୍ରହଣ କରିଥିଲେ ।

ମହିଳା ମହାବିଦ୍ୟାଳୟ ଉର୍ଦ୍ଧ୍ୱ ବିଭାଗର ପାଠ ଚକ୍ର

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଭଦ୍ରକ ମହିଳା ମହାବିଦ୍ୟାଳୟ ଉର୍ଦ୍ଧ୍ୱ ବିଭାଗର ମୁଖ୍ୟ ଅଧ୍ୟାପିକା ଡ. ନସିମା ଆରା ନିଖତ୍‌ଙ୍କ ପୌରୋହିତ୍ୟରେ "ଅଲ୍ଲସା ଇକବାଲ କି ସାୟରାନା ଅଜମତ" ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ସାଳନ୍ଦୀ ମହାବିଦ୍ୟାଳୟ ଉର୍ଦ୍ଧ୍ୱ ବିଭାଗର ଅଧ୍ୟାପକ ସହିମୁର ରହେମାନ ଖାନ୍ ବିଷୟ ବିଶାରଦ ଭାବରେ ଯୋଗଦେଇ ଭାବଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅଧ୍ୟକ୍ଷା ସୁପ୍ରୀତି କର ମୁଖ୍ୟଅତିଥି ଭାବରେ ଯୋଗଦେଇ ପାଠଚକ୍ର ଉଦ୍‌ଘାଟନ କରିଥିଲେ । ଅଧ୍ୟାପକ ଗୁଲାମ ସୁବାହାନି ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗର ଛାତ୍ରୀମାନେ ପାଠଚକ୍ର ପରିଚାଳନା କରିଥିଲେ ।

ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ଜନତାଙ୍କର ଆଶୀର୍ବାଦ ଲ

ଧୋନୀଙ୍କ ପ୍ରଶଂସକଙ୍କ ପାଇଁ ଖରାପ ଖବର, କୋଚ୍ କଲେ ବଡ଼ ଖୁଲାସା

ନୂଆଦିଲ୍ଲୀ

କ୍ରିକେଟର ମହେନ୍ଦ୍ର ସିଂ ଧୋନୀଙ୍କ ପ୍ରଶଂସକଙ୍କ ଲାଗି ଖରାପ ଖବରଫ ଗୋଟିଏ ପଟେ ଥାଲାଙ୍କ ବ୍ୟାଟିଂ ଦେଖି ପ୍ରଶଂସକ ତାଙ୍କୁ ବିଶ୍ୱକପ୍ ଟିମ୍‌ରେ ଦେଖିବାକୁ ନେଇ ଚର୍ଚ୍ଚା ବଢ଼ୁଥିବା ବେଳେ ସିଏସ୍‌କେ କୋଚ୍ ବଡ଼ ବୟାନ ଦେଇଛନ୍ତି। ଏହା ଲକ୍ଷ ଲକ୍ଷ ପ୍ରଶଂସକଙ୍କ ହୃଦୟ ଭାଙ୍ଗିପାରେ।

ଟିମ୍‌ର ହେଡ୍ କୋଚ୍ ଷ୍ଟିଫେନ୍ ଫ୍ଲେମିଂ କହିଛନ୍ତି, ଗତ ବର୍ଷ ଧୋନୀଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା । ଏହାପରେ ତାଙ୍କର ସର୍ଜରୀ କରାଯାଇଥିଲା ଏବେ ଯାଏ ଧୋନୀ ସେହି ସମସ୍ୟାରୁ ମୁକୁଳି ନାହାନ୍ତି । ସେ ଏବେ ବି ସୁସ୍ଥ ହେଉଛନ୍ତି । ଦଳକୁ ତାଙ୍କର ଆବଶ୍ୟକତା ରହିଛି । ଏଣୁ ସେ ଅଧିକ ବ୍ୟାଟିଂ କଲେ ତାଙ୍କର ଆଘାତ ଉପରେ ପ୍ରଭାବ ପଡ଼ିପାରେ। ଧୋନୀ କେବଳ ଡେଥ୍ ଓଭର୍‌ରେ କାମିଓ ରୋଲ୍ ହିଁ ଜାରି ରଖିବେ । ଯଦି ସେ ଏଭଳି ଫିଟ୍ ରୁହନ୍ତି ତେବେ ଅନ୍ତିମ ୨-୩ ଓଭରରେ ସମସ୍ତଙ୍କ ମନୋରଞ୍ଜନ କରିବେ, ଯାହାକି ତାଙ୍କ ପ୍ରଶଂସକଙ୍କ ପାଇଁ ଆଶ୍ୱସ୍ତିକର କଥା ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ୪୨ ବର୍ଷୀୟ ଧୋନୀ ଚଳିତ ଆଇପିଏଲ୍‌ରେ ଜବରଦସ୍ତ ଫର୍ମରେ ଅଛନ୍ତି। ପୂର୍ବ ମ୍ୟାଚ୍‌ରେ ସେ ଲକ୍ଷ୍ନୌ ସୁପର ଜିଆଣ୍ଟସ୍ ବିପକ୍ଷରେ ୯ ବଲ୍‌ରେ ୨୮ ରନ୍‌ର ଇନିଂସ ଖେଳିଥିଲେ। ଫଳରେ ଚେନ୍ନାଇର ସ୍କୋର ୧୭୦ରେ ପହଞ୍ଚିଥିଲା। ଏହାପୂର୍ବରୁ ମୁମ୍ବାଇ ବିପକ୍ଷରେ ୪ ବଲ୍‌ରେ ୨୦ ରନ୍ କରି ସେ ଦଳର ସ୍କୋରକୁ ୨୦୦ ପାର୍ କରାଇଥିଲେ। ଗତ ଦୁଇ ଇନିଂସରେ ତାଙ୍କ ଷ୍ଟ୍ରାଇକ୍ ରେଟ୍ ୩୦୦ରୁ ଅଧିକ ଥିଲା। ଏହି ସିଜନରେ ସେ ୭ ଚୌକା ଏବଂ ୮ ଛକା ମାରିଛନ୍ତି।

ପୁଣି ପଡ଼ିଆରେ ମୁହାଁମୁହିଁ ହେଲେ ବିରାଟ-ଗମ୍ଭୀର

କୋଲକାତା

ଆଇପିଏଲ ୨୦୨୩ ରେ କଥା ଭାରତର ଦୁଇ ଷ୍ଟାର ବ୍ୟାଟର ଗୌତମ ଗମ୍ଭୀର ଏବଂ ବିରାଟ କୋହଲି ସାମାନ୍ୟ କିଛି କଥାକୁ ନେଇ ମୁହାଁମୁହିଁ ହୋଇଥିଲେ। ଏହାପରେ ଦୁହିଁଙ୍କ ସମ୍ପର୍କ ବିଷୟରେ ପ୍ରଶଂସକଙ୍କୁ ସବୁ ଜଣା। ତେବେ ଏହି ସବୁ ବିବାଦକୁ ଭୁଲି ଦୁଇଜଣ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମ୍ୟାଚ ସମୟରେ ହାଲକା ଆଲୋଚନା କରୁଥିବାର ଦେଖିବାକୁ ମିଳିଥିଲା, ଯାହା ଇଣ୍ଟରନେଟରେ ତୀବ୍ର ଭାଇରାଲ ହୋଇଥିଲା।

ଏବେ ପୁଣିଥରେ ୨୦୧୧ ବିଶ୍ୱକପ ବିଜେତା ଦଳର ଉଭୟ ସଦସ୍ୟ ମ୍ୟାଚ ପୂର୍ବରୁ ଇଡେନ ଗାର୍ଡେନ୍‌ରେ ଏକ ଲମ୍ବା ସମୟ ପର୍ଯ୍ୟନ୍ତ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା।

ତେବେ ଶନିବାର ଗମ୍ଭୀର ବୋଲରଙ୍କ ସହ କଥା ହେବା ପାଇଁ ପଡ଼ିଆକୁ ଆସିଥିଲେ, କିନ୍ତୁ ନିଜ ଦଳର ଖେଳାଳିଙ୍କୁ ସାକ୍ଷାତ ପୂର୍ବରୁ, ସେ କୋହଲିଙ୍କୁ ସହ ଏକ ଉଷ୍ମ ଆଲିଙ୍ଗନ କରିଥିଲେ ଏବଂ ଦୁହେଁ ଲମ୍ବା ସମୟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ।

ତେବେ ଏହି ଉତ୍ସାହଜନକ ମୁହୂର୍ତ୍ତ ସୋସିଆଲ ମିଡିଆରେ ଉତ୍ତେଜନା ସୃଷ୍ଟି କରିଛି। ଠିକ ଗୋଟିଏ ବର୍ଷ ପୂର୍ବରୁ, ଏକନା ଷ୍ଟାଡିୟମରେ ଆରସିବି ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ ମଧ୍ୟରେ ମ୍ୟାଚ ସମୟରେ ଦୁହିଁଙ୍କ ମଧ୍ୟରେ ଏକ ଖରାପ ପରିସ୍ଥିତି ସୃଷ୍ଟି ହୋଇ କ୍ରିକେଟ ଜଗତକୁ ଚକିତ କରିଦେଇଥିଲା।

ମାର୍ଚ୍ଚ ୨୯ ରେ, ଯେତେବେଳେ ଆରସିବି ଘରୋଇ ଦର୍ଶକଙ୍କ ଆଗରେ କେକେଆର ବିପକ୍ଷରେ ଖେଳୁଥିଲା, ସେତେବେଳେ କୋହଲି ବେଙ୍ଗାଲୁରୁ ମିଡିଲ ଅର୍ଡରର ସମର୍ଥନ ଅଭାବରୁ ୫୯ ବଲରେ ଅପରାଜିତ ୮୩ ରନ ସ୍କୋର କରିଥିଲେ।

କେବଳ ଗୋଟିଏ ବଲ୍‌ରେ ବଡ଼ କାମ କରିଦେଲେ ଧୋନୀ

ନୂଆଦିଲ୍ଲୀ

କ୍ରିକେଟ ଇତିହାସରେ ମହେନ୍ଦ୍ର ସିଂ ଧୋନୀଙ୍କ ପ୍ରଶଂସକ କାହିଁରେ କେତେ। ଅନେକଙ୍କର ସେ ପ୍ରେରଣା। ଏଣୁ ସେମାନେ ତାଙ୍କ ଭଳି ହେବାକୁ ଚାହାନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ଥିଲେ ହେଁ ତାଙ୍କର ଗୋଟିଏ ଝଲକ ପାଇଁ ଆଇପିଏଲ୍ ଦେଖୁଛନ୍ତି ପ୍ରଶଂସକ। ଏଣୁ ଧୋନୀଙ୍କ ଟିମ୍ ସିଏସ୍‌କେର ପ୍ରତିଟି ମ୍ୟାଚ୍‌ରେ କିଛି ଭାବପ୍ରବଣ ମୂହୂର୍ତ୍ତ କ୍ୟାମେରାରେ କଏଦ ହୁଏ। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଦଳ ଖେଳିଥିବା ମୁକାବିଲାରେ ସେଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନ୍ତିମ ଓଭରରେ ଛକା ମାରି ଡ୍ରେସିଂ ରୁମ୍‌କୁ ଯାଉଥିବା ବେଳେ ସିଡିରେ ଧୋନୀଙ୍କୁ ଏକ ବଲ୍ ମିଳିଥିଲା। ସେ ଅଣଦେଖା କରିବା ପରିବର୍ତ୍ତେ ବଲ୍‌ଟିକୁ ଉଠାଇ ଏକ କୁନି ପ୍ରଶଂସକଙ୍କୁ ଦେଇଥିଲେ। ଏହାର ଭିଡିଓ ବେଶ ଭାଇରାଲ ହୋଇଥିଲା । ଏବେ ସେହି କୁନି ଝିଅ ଖାସ୍ ବାର୍ତ୍ତା ଦେଇଛନ୍ତି ଷ୍ଟାର୍ ସ୍ପୋର୍ଟ୍ସ ସହ କଥାବାର୍ତ୍ତାରେ କୁନି ପ୍ରଶଂସକ ନିଜ ନାମ ମେହେର ବୋଲି କହିଛନ୍ତି । ଏହାଛଡ଼ା ସେ କ୍ରିକେଟ ଖେଳନ୍ତି। ଦିନେ ସେ ଭାରତ ପାଇଁ ଖେଳିବେ ବୋଲି ସ୍ୱପ୍ନ ରହିଛି । ଯେତେବେଳେ ତାଙ୍କ ସ୍ୱପ୍ନ ପୂରଣ ହୋଇଯିବ ସେତେବେଳେ ସେ ଏହି ସ୍ୱତନ୍ତ୍ର ଉପହାର ଆଉ କାହାକୁ ଦେବେ। ଫଳରେ ସେ ମଧ୍ୟ ପ୍ରେରିତ ହେବେ। ମେହେରଙ୍କ ଏହି ଭିଡିଓ ଦେଖି ପ୍ରଶଂସକ ଭଳିକି ଭଳି ପ୍ରତିକ୍ରିୟା ଦେଉଛନ୍ତି। କୁନି ଝିଅଟିର ସ୍ୱପ୍ନ ଶୀଘ୍ର ପୂରଣ ହେଉ ବୋଲି ଅନେକ ପ୍ରକାଶ କରୁଛନ୍ତି।

ସିଲି ପଏଣ୍ଟ : ସୁପର୍ ଯୋଡ଼ି ରକ୍ଷାଙ୍କ କ୍ରିକେଟ୍ ସମ୍ପର୍କ

ନୂଆଦିଲ୍ଲୀ

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଧିନାୟକ ଋତୁରାଜ ଗାଏକ୍ୱାଡ ଖାଲି ପଡ଼ିଆରେ ଦଳରେ ନେତୃତ୍ୱ ନେଉନାହାନ୍ତି। ସେ ନିଜର ବିଳାସପୂର୍ଣ୍ଣ ଜୀବନର ମଧ୍ୟ ନେତୃତ୍ୱ ନେଉଛନ୍ତି । ଏହି ଉଦୀୟମାନ ତାରକାଙ୍କ ପ୍ରେମକାହାଣୀ ତାଙ୍କ ବ୍ୟାଟିଂ ହାରରେ ପ୍ରଭାବ ପକାଇଛି। ଗତବର୍ଷ ସିଏସ୍‌କେ ଆଇପିଏଲ୍ ଜିତିବା ପରେ ଋତୁରାଜ ତାଙ୍କ ବାନ୍ଧବୀ ଉତ୍କର୍ଷା ପାଓ୍ୱାରଙ୍କୁ ବିବାହ କରିଥିଲେ। ଋତକ୍ରର୍ଷା ନାମରେ ପରିଚିତ ଏହି ସୁପର ଯୋଡ଼ିଙ୍କ କ୍ରିକେଟ୍ ରୋମାନ୍ସର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଏହି ଭିଡିଓରେ ଋତକ୍ରର୍ଷା ସିଏସ୍‌କେର ଚ୍ୟାଲେଞ୍ଜକୁ ଗ୍ରହଣ କରି ପରସ୍ପର ବିପକ୍ଷରେ ବ୍ୟାଟିଂ କରୁଛନ୍ତି । ଋତୁରାଜଙ୍କୁ ବିଜୟ ପାଇଁ ୬ ବଲ୍‌ରୁ ୧୦ ରନ୍ ଆବଶ୍ୟକ ରହିଛି। କିନ୍ତୁ ଫଳାଫଳ ଉତ୍କର୍ଷାପୂର୍ଣ୍ଣ ଟାଇରେ ଶେଷ ହୋଇଛି। ସୂଚନାଯୋଗ୍ୟ, ୨୦୨୦ରୁ ଋତୁରାଜ ସିଏସ୍‌କେରେ ସାମିଲ ହେବା ପରଠାରୁ ୨୦୨୧ ଓ ୨୦୨୩ରେ ଆଇପିଏଲ୍ ବିଜେତା ହେବାର ସୌଭାଗ୍ୟ ପାଇଛନ୍ତି । ୨୦୨୧ରେ ସେ କମଳା ଟୋପି ମଧ୍ୟ ହାତେଇଥିଲେ।

ଲାଇଭ୍ ମ୍ୟାଚ୍‌ରେ ନିୟମ ଉଲ୍ଲଂଘନ, ମୁମ୍ବାଇ ଟିମ୍‌ର କୋଚ୍-ବ୍ୟାଟ୍ସମ୍ୟାନ୍‌ଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ

ଆଇପିଏଲ୍ ନିୟମ ଉଲ୍ଲଂଘନ କରିବା ପଡ଼ିଲା ମହଙ୍ଗା। ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟିଂ କୋଚ୍ କିରନ୍ ପୋଲାର୍ଡ ଏବଂ ବ୍ୟାଟ୍ସମ୍ୟାନ୍ ଟିମ୍ ଡେଭିଡ୍‌ଙ୍କୁ ଲାଇଭ୍ ମ୍ୟାଚ୍‌ରେ ସୀମା ଅତିକ୍ରମ କରିବା ଲାଗି ଜରିମାନା କରାଯାଇଛି। ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଆଇପିଏଲ୍ ନିୟମ ଭାଙ୍ଗିଥିବା ଯୋଗୁ ଦୁହେଁ ମ୍ୟାଚ୍ ଫିସ୍‌ର ୨୦% ଜରିମାନା ଗଣିବେ।

ଏହି ମ୍ୟାଚ୍‌ରେ ମୁମ୍ବାଇ ଇନିଂସର ୧୫ତମ ଓଭରର ଶେଷ ବଲ୍‌ରେ କ୍ରିଜ୍‌ରେ ଥିବା ସୂର୍ଯ୍ୟକୁମାର ଯାଦବଙ୍କ ପାଇଁ ୱାଇଡ୍‌କୁ ନେଇ ରିଭ୍ୟୁ(ସମୀକ୍ଷା) କରିବା ନିଷ୍ପତ୍ତିକୁ ମୁମ୍ବାଇ ଡଗ୍‌ଆଉଟ୍ ପକ୍ଷରୁ ଆସିଥିଲା । ଏନେଇ ସଙ୍କେତ ଦେଇଥିଲେ କିରନ୍ ପୋଲାର୍ଡ ଏବଂ ଟିମ୍ ଡେଭିଡ୍ । ଟିଭି ରିପ୍ଲେ ଦେଖିବା ପରେ ଦୁହେଁ ରିଭ୍ୟୁ କରିବାକୁ ସୂର୍ଯ୍ୟକୁମାରଙ୍କୁ ଠାରରେ କହିଥିଲେ।

ଏହି ସଙ୍କେତକୁ ପଞ୍ଜାବ କିଙ୍ଗ୍ସ ଅଧିନାୟକ ସାମ କୁରାନ୍ ବିରୋଧ କରିଥିଲେ। ହେଲେ ପରେ ଫିଲ୍ଡ ଅମ୍ପାୟାର ତାକୁ ଅଣଦେଖା କରିଥିଲେ। ଏବେ ଉଭୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ମ୍ୟାଚ୍ ଫିସ୍‌ର ୨୦% ଜରିମାନା ଲଗାଯାଇଛି।

ଟୋକିଓ ଅଲିମ୍ପିକ୍ସ ସମ୍ବନ୍ଧରେ ବଡ ଖୁଲାସା

ଚାଇନାର ଡୋପିଂ ପଜିଟିଭ ଖେଳାଳିମାନେ ଜିତିଥିଲେ ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ

ଟୋକିଓ ଅଲିମ୍ପିକ୍ସ ସମ୍ବନ୍ଧରେ ଏକ ବଡ଼ ଖୁଲାସା କରାଯାଇଛି । ନ୍ୟୁୟର୍କ ଟାଇମ୍ସ ଦାବି କରିଛି ଯେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ପ୍ରାୟ ୭ ମାସ ପୂର୍ବରୁ ୨୩ ଜଣ ଚାଇନାର ସନ୍ତରଣକାରୀ ଡୋପିଂ ପରୀକ୍ଷାରେ ପଜିଟିଭ ଆସିଥିଲେ। ବିଶେଷ କଥା ହେଉଛି ଏହି ଖେଳାଳିଙ୍କ ମଧ୍ୟରୁ ୬ ଜଣ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚୀନ୍‌ର ବରିଷ୍ଠ ଅଧିକାରୀଙ୍କ ଅନୁମୋଦନ ପରେ ତାଙ୍କୁ ଅନୁସନ୍ଧାନରୁ ସୁରକ୍ଷିତ ରଖାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

ରିପୋର୍ଟରେ କୁହାଯାଇଛି ଡୋପିଂ ପଜିଟିଭ ଖେଳାଳିମାନଙ୍କୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇଥିଲା। କ୍ରୀଡ଼ାରେ ଡ୍ରଗ ନିୟନ୍ତ୍ରଣ ପାଇଁ ବିଶ୍ୱ କର୍ତ୍ତୃପକ୍ଷ ମଧ୍ୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଏହି ଖେଳାଳୀମାନଙ୍କ ମଧ୍ୟରୁ ପ୍ରାୟ ଅଧା ଡୋପିଂ ପରୀକ୍ଷାରେ ପଜିଟିଭ ଥିଲେ। ଅନେକ ଆଥଲେଟ ମଧ୍ୟ ତିନୋଟି ସ୍ୱର୍ଣ୍ଣ ସମେତ ଅନ୍ୟାନ୍ୟ ପଦକ ଜିତିଥିଲେ। ରିପୋର୍ଟ ଅନୁଯାୟୀ, ଏଥିରେ ଦୁଇଥର ସ୍ୱର୍ଣ୍ଣ ପଦକ ବିଜେତା ୱାଙ୍ଗ ୟୁଫେଇଙ୍କ ସମେତ ଅନେକ ସନ୍ତରଣକାରୀଙ୍କ ନାମ ରହିଛି । କୁହାଯାଉଛି ଯେ ଡୋପ ଟେଷ୍ଟରେ ବିଫଳ ହୋଇଥିବା ଅନେକ ଆଥଲେଟ ଚାଇନା ପାଇଁ ଖେଳୁଥିଲେ। ସେମାନେ ଚଳିତ ବର୍ଷ ଜୁଲାଇ-ଅଗଷ୍ଟରେ ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସରେ ମଧ୍ୟ ଭାଗ ନେବେ।

ନ୍ୟୁୟର୍କ ଟାଇମ୍ସ ଏ ବାବଦରେ ୬୧ ପୃଷ୍ଠାର ଅନୁସନ୍ଧାନ ରିପୋର୍ଟକୁ ପ୍ରକାଶ କରିଛି । କୁହାଯାଉଛି ଯେ ଆଥଲେଟମାନଙ୍କଠାରେ ଟ୍ରାଇମେଟାଜିଡାଇନ ଔଷଧର ନମୁନା ମିଳିଥିଲା । ଏହି ଔଷଧ ସହନଶକ୍ତି ବୃଦ୍ଧି ଏବଂ ରିକଭରିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରେ। ଟୋକିଓ ଅଲିମ୍ପିକ୍ସ ୨୦୨୦ରେ ଚୀନ ପଦକ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଚାଇନାର ଆଥଲେଟମାନେ ଚମତ୍କାର ପ୍ରଦର୍ଶନ କରି ୮୯ ପଦକ ଜିତିଥିଲେ। ସେଥିମଧ୍ୟରେ ୩୮ ଟି ସ୍ୱର୍ଣ୍ଣ , ୩୨ଟି ରୌପ୍ୟ ଏବଂ ୧୯ଟି ବ୍ରୋଞ୍ଜ ପଦକ ରହିଥିଲା।

ଆକାଶ ଅମ୍ବାନୀଙ୍କ ନିଷ୍ପତ୍ତି ଯୋଗୁ ମୁମ୍ବାଇ ଟିମ୍ ଦୁଇ ଫାଳ !

ଭୁବନେଶ୍ୱର

ଆଇପିଏଲ୍ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସର ସେତେଟା ଆଖିଦୃଶିଆ ପ୍ରଦର୍ଶନ ହୋଇନାହିଁ । ପ୍ରଥମେ ଦଳ ୧୦ ନଂରେ ରହୁଥିବା ବେଳେ ଏବେ ୭ନଂରେ ପହଞ୍ଚିଛି। ଦଳ ପଞ୍ଜାବ ବିପକ୍ଷରେ ଏହାର ଅନ୍ତିମ ମ୍ୟାଚ୍ ୯ ରନ୍‌ରେ ଜିତିଥିଲା। ଏପ୍ରିଲ ୨୨ରେ ଦଳ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଆଗାମୀ ମ୍ୟାଚ୍ ଖେଳିବ। ହେଲେ ଏହା ପୂର୍ବରୁ ରୋହିତ ଶର୍ମା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏକ ଫଟୋ ସାମ୍ନାକୁ ଆସିଛି, ଯାହାକି ଅନେକଙ୍କୁ ଚକିତ କରିଛି ।

କେବଳ ଏତିକି ନୁହେଁ ମୁମ୍ବାଇ ମାଲିକ ଆକାଶ ଅମ୍ବାନୀଙ୍କ ଗୋଟିଏ ନିଷ୍ପତ୍ତି ଯୋଗୁ ଦଳ ଦୁଇ ଭାଗ ହୋଇଥିବା ଦେଖାଯାଇଛି।

ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇର ଡ୍ରେସିଂ ରୁମ୍‌ର ସ୍ଥିତି ଏବଂ ରୋହିତ-ହାର୍ଦ୍ଦିକଙ୍କୁ ନେଇ ଭଳିକି ଭଳି କଥା ଶୁଣିବାକୁ ମିଳୁଥିଲା। ଏହା ପଛରେ କାରଣଟି ଥିଲା ଅଧିନାୟକ ପରିବର୍ତ୍ତନ ହେଲେ ଏବେ ଯେଉଁ ଫଟୋ କଥା ଉଠିଛି ତାର ଏହି ପରିବର୍ତ୍ତନ ସହ ନେଣଦେଣ ନାହିଁ।

ପଞ୍ଜାବ ବିପକ୍ଷରେ ଦଳ ବିଜେତା ହେବା ପରେ ଆକାଶ ଅମ୍ବାନୀ ଟିମ୍‌ର ଚେଞ୍ଜିଂ ରୁମ୍‌କୁ ଆସି ମ୍ୟାଚ୍‌ର ଷ୍ଟାର ଖେଳାଳିଙ୍କୁ ଅଲଗା କରି ତାଙ୍କଠାରୁ ମୁମ୍ବାଇ ଏବଂ ବାକି ସମସ୍ତଙ୍କଠାରୁ ଇଣ୍ଡିଆନ୍ସ କହିବାକୁ କହୁଛନ୍ତି। ସମସ୍ତେ ସେମିତି ହିଁ କରୁଛନ୍ତି। ଗୋଟିଏ ପଟେ ସୂର୍ଯ୍ୟକୁମାର ଯାଦବ, ଗେରାଲ୍ଡ କୋଏତ୍‌ଜା, ବୁମ୍‌ରା, ଇଶାନ କିଶନ ଥିବା ବେଳେ ଅନ୍ୟପକ୍ଷେ ରୋହିତ ,ହାର୍ଦ୍ଦିକ ଏବଂ ବାକି ଖେଳାଳି ଥିଲେ

ଦଳର ଏଭଳି ଭିଡିଓରେ ରୋହିତ ଏବଂ ହାର୍ଦ୍ଦିକଙ୍କୁ ଏକାଠି ଦେଖି ଖୁସି ହେବା ସହ ପ୍ରଶ୍ନ ବି ଉଠିଛି। କଣ ଏହା ବାସ୍ତବରେ ନା ମାଲିକଙ୍କୁ ଦେଖାଇବା ଲାଗି ସମସ୍ତେ ଅଭିନୟ କରୁଛନ୍ତି ? ତେବେ କଣ ସତ ତାହା ଦଳର ଭିତିରି କଥା, ହେଲେ ବାହାରକୁ ଯେଉଁ ଫଟୋ ଆସିଛି ତାହା ଭଲ ସଙ୍କେତ ଦେଉଛି।

ସେମିରେ ଓଡ଼ିଶା ଏଫ୍‌ସି: ଅତିରିକ୍ତ ସମୟରେ କେରଳକୁ ହରାଇଲା

ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଏଫ୍‌ସି ଚଳିତ ଆଇଏସ୍‌ଏଲ୍ ଫୁଟ୍‌ବଲ୍ ପ୍ରତିଯୋଗିତା ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ନକ୍‌ଆଉଟ୍ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସକୁ ୨-୧ ଗୋଲ୍‌ରେ ହରାଇ ପ୍ରଥମ ଥର ଏହି ସ୍ଥାନ ପକ୍କା କରିଛି । ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ୧-୧ରେ ଶେଷ ହେବା ପରେ ଅତିରିକ୍ତ ସମୟରେ ରୟ କ୍ରିଷ୍ଣାଙ୍କ ପାସ୍‌ରେ ଇଶାକ ଭାନ୍‌ଲାଲରୁ ଆତଫେଲା (୯୮ ମିନିଟ୍) ଗୋଲ୍ ଦେଇ ଓଡ଼ିଶାକୁ ବିଜୟ ଭେଟି ଦେଇଥିଲେ। ଫଳରେ ଓଡ଼ିଶା ଏଫ୍‌ସି ଚଳିତ ଋତୁରେ ତା ଘରୋଇ ପଡ଼ିଆରେ ଅପରାଜେୟ ଧାରା ଜାରି ରଖିଛି । ୨୩ ତାରିଖ ସେମିଫାଇନାଲ୍‌ରେ ଓଡ଼ିଶା ଏଫ୍‌ସି ଘରୋଇ କଳିଙ୍ଗ ଷ୍ଟାଡିୟମ୍‌ରେ ଲିଗ୍ ସିଲ୍ଡ ବିଜେତା ମୋହନବାଗାନ ସୁପର ଜାଏଣ୍ଟସ୍‌କୁ ଭେଟିବ।

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା ଓଡ଼ିଶା ଏଫ୍‌ସି ଆରମ୍ଭରୁ ଚମତ୍କାର ଖେଳିଥିଲା। ଭ୍ରମଣକାରୀ ଦଳ ଉପରେ ଘନଘନ ଆକ୍ରମଣ ଜାରି ରଖି ୨୭ତମ ମିନିଟ୍‌ରେ ଅଗ୍ରଣୀ ନେବାର ସୁଯୋଗ ପାଇଥିଲା ଅହମଦ ୱାହୋଉଙ୍କ ସହାୟତାରେ ମେତର୍ଡ଼ା ଫଲ ବଲ୍‌କୁ କେରଳ ବ୍ଲାଷ୍ଟର୍ସର ଗୋଲ୍ ପୋଷ୍ଟକୁ ପଠାଇ ଦେଇଥିଲେ। ଏହା ଅଫ୍‌ସାଇଡ୍ ଥିବା ନେଇ କେରଳ ବ୍ଲାଷ୍ଟର୍ସ ଅଭିଯୋଗ କରିବାରୁ ରେଫରି ଓ ମ୍ୟାଚ୍ ଅଫିସିଆଲ୍‌ଙ୍କ ଆଲୋଚନା ପରେ ଗୋଲ୍‌ଟି ନାକଚ ହୋଇଥିଲା। ଫଳରେ ଓଡ଼ିଶା ଅଗ୍ରଣୀ ନେବାରୁ ବଞ୍ଚିତ ହୋଇଥିଲା। ଏଥିସହ ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟରେ ଶେଷ ହୋଇଥିଲା। ୬୭ତମ ମିନିଟ୍‌ରେ ମହମ୍ମଦ ଏମେନଙ୍କ ପାସ୍‌ରେ ଫେଡର ଗୋଲ୍ ଦେଇ ଭ୍ରମଣକାରୀ ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ତେବେ ୮୭ତମ ମିନିଟ୍‌ରେ ରୟ କ୍ରିଷ୍ଣାଙ୍କ ପାସ୍‌ରେ ଡିଏଗୋ ମେରିସିଓ ସ୍ଥିତି ବରାବର କରି ଘରୋଇ ଦଳକୁ ସୁଯୋଗ ଦେଇଥିଲେ।

ବିଶ୍ୱ କନିଷ୍ଠ ହ୍ୱିଲ୍‌ଚେୟାର ଅସିଚାଳନାରେ ଭାଗନେବେ ପବିତ୍ର

ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

ଥାଇଲାଣ୍ଡରେ ଶନିବାରଠୁ ଆରମ୍ଭ ହେବାକୁ ଥିବା ହୁଇଲ୍‌ଚେୟାର ଅସିଚାଳନା କନିଷ୍ଠ ବିଶ୍ୱ ପ୍ରତିଯୋଗିତାରେ ଓଡ଼ିଶାର ପବିତ୍ର ସାହୁ ଭାଗନେବେ। ଭାରତରୁ ସେ ଏକମାତ୍ର ଖେଳାଳି ଭାବେ ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପବିତ୍ର ଚଳିତ ବର୍ଷ ଜାତୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ସେ ଅନ୍ତର୍ଜାତୀୟ ଖେଳାଳି ରାଖାଲ କୁମାର ସେଠୀଙ୍କ ପାଖରେ ୨୦୨୦ରୁ ପ୍ରଶିକ୍ଷଣ ଆରମ୍ଭ କରି ଏପର୍ଯ୍ୟନ୍ତ ୫ ସ୍ୱର୍ଣ୍ଣ ସହ ୧୨ ପଦକ ଜିତିଛନ୍ତି। ବିଶ୍ୱ ପ୍ରତିଯୋଗିତାରେ ପବିତ୍ର ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ପ୍ରଶିକ୍ଷକ ରାଖାଲ ଆଶା ରଖିଛନ୍ତି । ପବ

30 YEARS
ସମୟ କହିଲା
ଭୁବନେଶ୍ୱର, ୨୧ ଅପ୍ରେଲ ୨୦୨୪ ରବିବାର

ରାଉରକେଲା-ଝାଡ଼ଖଣ୍ଡ ସୀମାରେ ମାଓ କ୍ୟାମ୍ପ ଧ୍ୱଂସ କଲେ ସୁରକ୍ଷାକର୍ମୀ

ରାଉରକେଲା, ନ୍ୟୁଜ ବ୍ୟୁରୋ

ଝାଡ଼ଖଣ୍ଡ ଓ ରାଉରକେଲା ସୀମାନ୍ତରେ କମ୍ବିଂ ଅପରେସନ ଜାରି ରହିଛି । ନିର୍ବାଚନ ପୂର୍ବରୁ ଏହି ଅପରେସନ ସଫଳ ହୋଇଛି । ଶନିବାର ସୁରକ୍ଷାକର୍ମୀଙ୍କ କମ୍ବିଂ ସମୟରେ ଆକ୍ରମଣ କରିବାକୁ ମାଓବାଦୀମାନେ ଯୋଜନା କରିଥିବା ବେଳେ ଏହାକୁ ସୁରକ୍ଷାକର୍ମୀ ପଣ୍ଡ କରିଛନ୍ତି । ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣ ପରେ ଛତ୍ରଭଙ୍ଗ ଦେଇଛନ୍ତି ମାଓବାଦୀ । ସିଆରପିଏଫ ଯବାନ ଓ ଡିଭିଏଫ ସହ ପୋଲିସ ଗୁଇନ୍ଦା ବିଭାଗ ଅନେକ ମାଓ କ୍ୟାମ୍ପ ଧ୍ୱଂସ କରିବା ସହ ବିପୁଳ ମାଓ ସାମଗ୍ରୀ ମଧ୍ୟ ଜବତ ହୋଇଛି । ବିଶେଷ ଗୁଇନ୍ଦା ସୂତ୍ରରୁ ସିଆରପିଏଫ୍ ଏବଂ ଅନ୍ୟ ସୁରକ୍ଷାକର୍ମୀ ଖବର ପାଇ ମାଓ କ୍ୟାମ୍ପ ଉପରେ ଅଚାନକ

ଆକ୍ରମଣ କରିଥିଲେ । ସୁରକ୍ଷାକର୍ମୀଙ୍କ ଦ୍ୱାରା ଜବତ ହୋଇଛି ଦୁଇ ଏସଏଲଆର୍ ବନ୍ଧୁକ, ବିସ୍ଫୋରକ, ଟିଫିନ ବୋମା, ବିଦ୍ୟୁତ ତାର, ମାଓ ପୋଷାକ, ମାଓ ଯୋତା, ମାଓ ପୁସ୍ତିକା, ନଗଦ ୨୭ ହଜାର ଟଙ୍କା ସହ ମାଓବାଦୀ ବ୍ୟବହାର କରୁଥିବା ଜିନିଷ ଏବଂ ସାମଗ୍ରୀ । ତେବେ ରାଉରକେଲା-ଝାଡ଼ଖଣ୍ଡ ସୀମାନ୍ତ ସୋନୁଆ ଥାନା କେରାବୀର ଜଙ୍ଗଲରେ ହୋଇଛି ଏହି କମ୍ବିଂ ଅପରେସନ । ଆଗକୁ ନିର୍ବାଚନ ଥିବାରୁ ସୀମାନ୍ତ ଅଞ୍ଚଳରେ ବଢ଼ି ଚାଲିଛି ମାଓ କାର୍ଯ୍ୟକଳାପ । ଝାଡ଼ଖଣ୍ଡରୁ ଓଡ଼ିଶା ଯେପରି ପ୍ରବେଶ ନକରନ୍ତି ମାଓବାଦୀ ତାକୁ ଆଖି ଆଗରେ ରଖି ସୀମାନ୍ତ କରିଦିଆଯାଇଛି ସିଲ୍ । ଅନ୍ୟପଟେ ଝାଡ଼ଖଣ୍ଡ ସୁରକ୍ଷାକର୍ମୀ ଅପରେସନ କ୍ଲିନକୁ ଜୋରଦାର କରିଛି । ସୂଚନା ଥାଉ କି ନିକଟରେ ମାଓ ଦମନରେ ଛତିଶଗଡ଼କୁ ମିଳିଛି ବଡ଼ ସଫଳତା । ଏପ୍ରିଲ ୧୬ରେ ଛତିଶଗଡ଼ କାଙ୍କେର ଜିଲ୍ଲାରେ ଏକ ବଡ଼ ଧରଣର ମାଓ ଅପରେସନରେ ପ୍ରାୟ ୨୯ ଜଣ ନିହତ ହୋଇଛନ୍ତି । ଏହାସହିତ ବିପୁଳ ମାଓ ସାମଗ୍ରୀ ମଧ୍ୟ ଜବତ ହୋଇଥିଲା । ୨୦୧୯ ପରଠାରୁ ଏହା ଏକ ବଡ଼ ଧରଣର ସଫଳତା ବୋଲି ଜଣାପଡ଼ିଛି । ଗତ ୪ ମାସର ରିପୋର୍ଟ ଦେଖିଲେ ରାଜ୍ୟରେ ୮୦ ଜଣ ନକ୍ସଲ ନିହତ ହୋଇଥିବା ବେଳେ ୧୫୦ଜଣ ଆତ୍ମସମର୍ପଣ ଓ ୧୨୫ ଜଣଙ୍କୁ ଗିରଫ କରାଯାଇଛି । ଏହା ସହିତ ବାମପନ୍ଥୀ ଉଗ୍ରବାଦ ସହ ଜଡିତ ହିଂସା ଦେଶରେ ୫୨% ହ୍ରାସ ପାଇଛି ।

ରଣପୁର ଓ ଗଜପତିରେ ବଢୁଛି ବିଜେଡି ବଳ : ଶତାଧିକ କର୍ମୀ ନେଇ ମିଶିଲେ ବହୁ ଟାଣୁଆ ନେତା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବିଜେଡିରେ ମିଶିଲେ ନୟାଗଡ ଜିଲ୍ଲା ରଣପୁରର ସନ୍ନ୍ୟାସୀ ପ୍ରଧାନ । ସେ ଓଡ଼ଗାଁର ପୂର୍ବତନ ଅଧ୍ୟକ୍ଷ ଓ ସମବାୟ ସମିତିର ନିର୍ଦ୍ଦେଶକ ଅଛନ୍ତି । ସେହିପରି ନୟାଗଡ଼ ଜିଲ୍ଲା ବିଜେପି ଛାଡି ସ୍ମିତା ସିଂ ମିଶିଲେ । ସେ ଭୁବନେଶ୍ୱର ସାଂସଦଙ୍କ ପ୍ରତିନିଧି ଥିଲେ । ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ସ୍ୱାଗତ କଲେ ସାଂସଦ ସସ୍ମିତ ପାତ୍ର । ନୟାଗଡ ବିଧାୟକ ଅରୁଣ ସାହୁ କହିଛନ୍ତି ସନ୍ନ୍ୟାସୀ ପ୍ରଧାନ ଓ ଅନ୍ୟମାନେ ମିଶିବାରୁ ରଣପୁର ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକ ବିଜେପି ଗଡ଼ ଗୁଣ୍ଡ ହୋଇଛି । ଆହୁରି ବଡ଼ ମିଶ୍ରଣ ସେଠି ହେବ । ସନ୍ନ୍ୟାସୀ ପ୍ରଧାନ ୧୯୯୨ରୁ ସରପଞ୍ଚରୁ ସମବାୟ ବ୍ୟାଙ୍କ ଯାଏଁ ଜିତିଛନ୍ତି । ପଞ୍ଚାୟତିରାଜ ଓ ସମବାୟ ଜ୍ଞାନ ଓ କ୍ଷମତା ତାଙ୍କ ପାଖରେ ରହିଛି । ସେହିପରି ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ କହିଛନ୍ତି ଆଜି ଏକ ପବିତ୍ର ଦିନ । ରଣପୁର ବିଜେଡି ପରିବାର ଦୃଢ଼ ହୋଇଛି । ସମସ୍ତଙ୍କୁ ସାଥିରେ ନେଇ ବିଜେଡିକୁ ଜୟଯୁକ୍ତ କରିବାକୁ ଚେଷ୍ଟା ଚାଲିଛି । ରଣପୁର ଆଜି ବିଜେଡି ଗଡ଼ ହୋଇଛି । ଯୋଡି ଶଙ୍ଖ ଜିତିବ । ଏହି ମିଶ୍ରଣ ପର୍ବରେ ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଯୋଗ ଦେଇ କହିଛନ୍ତି ଯେ ''ସନ୍ନ୍ୟାସୀ ବାବୁଙ୍କ ବିଷୟରେ ବହୁତ ଶୁଣିଥିଲି । ନୟାଗଡ ଓ ରଣପୁର ଉପରେ ମୁଁ ମୁଣ୍ଡ ଖେଳାଉ ନାହିଁ ସବୁ ଅରୁଣ ସାହୁ ଓ ସତ୍ୟ ପ୍ରଧାନଙ୍କ ପକଡ ଅଛି । ସବୁ ଶ୍ରେୟ ଓ ଧନ୍ୟବାଦ କାରଣ ଏହା ପୁରୀ ଲୋକସଭା ଓ ବିଜେଡି ପାଇଁ ବଡ଼ ସଫଳତା । ମୁଁ ବିଜୁ ବାବୁଙ୍କୁ ପ୍ରଣାମ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶତ ଶତ ପ୍ରଣାମ ଜଣାଉଛି । ବିଜେପି ଛାଡି ଶନିବାର ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଲି । ଦଳ କିପରି ସୁଦୃଢ ହେବ କାମ କରିବି । ଆମେ ବି ଡବଲ ଇଂଜିନ କରିବୁ । ବିଜେଡି ବିଧାୟକ ଓ ସାଂସଦ ଜିତାଇବୁ । ମୁଖ୍ୟମନ୍ତ୍ରୀ ନୂତନ ଅଧ୍ୟୟ ସୃଷ୍ଟି କରିବାକୁ ଯାଉଛନ୍ତି ବୋଲି କହିଛନ୍ତି ଦଳରେ ମିଶିଥିବା ସନ୍ନ୍ୟାସୀ ପ୍ରଧାନ ।

ସେହିପରି ବିଜେଡିରେ ମିଶିଲେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ, ଗୁମ୍ମା ଓ କାଶୀନଗର ବ୍ଲକର ନେତା ଚନ୍ଦ୍ର ସାହୁକାର ଏବଂ ଶତାଧିକ ନେତା ତଥା କର୍ମୀ । ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଙ୍କ ପକ୍ଷରୁ ସାଂସଦ ସସ୍ମିତ ପାତ୍ର ସ୍ୱାଗତ କରିଥିଲେ । ସମସ୍ତେ କହିଥିଲେ, ଅଞ୍ଚଳରେ ଆହୁରି ଶକ୍ତିଶାଳୀ ହେବ ବିଜେଡି । ମୁଖ୍ୟମନ୍ତ୍ରୀଙ୍କ ହାତମୁଠା ଟାଣ ହେବ । ମୁଖ୍ୟମନ୍ତ୍ରୀଙ୍କ ଜନ୍ମରୁ ମୃତ୍ୟୁ ଯାଏଁ ଯୋଜନାରେ ସମସ୍ତେ ଅନୁପ୍ରାଣିତ । ନିର୍ବାଚନରେ ବଡ଼ ବ୍ୟବଧାନରେ ବିଜେଡିକୁ ଜିତାଇବାକୁ ଚେଷ୍ଟା କରିବୁ । ବିଜୁବାବୁଙ୍କର ଗଜପତି ଜିଲ୍ଲା ସହ ସଂପର୍କ ବହୁ ନିବିଡ଼ ଥିଲା । ଏବେ ନବୀନ ବାବୁଙ୍କ ସମୟରେ ଗଜପତି ଜିଲ୍ଲାର ଆହୁରି ଉନ୍ନତି ହେବ । ସେହିପରି ବିଜେଡିରେ ମିଶିଛନ୍ତି ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ବିଜେପି ଛାଡ଼ିଥିବା ଅନେକ ନେତା । ସେମାନେ ହେଲେ ମୁକେଶ ଜୈନ, ଅଶୋକ ମିଶ୍ର, ତପନ, ବିଜୟ, ବିବେକ ବେହେରା, ପଦ୍ମଲୋଚନ, ପ୍ରଶାନ୍ତ ମହାନ୍ତି, ନରସିଂହ ସିଂ, ବିପିନ ଠାକୁର, ଆକାଶ ମଣ୍ଡଳ, ରାଜା ନାଗ, ରାଜା ଖାନ, ମନୋଜ ନାୟକ, ପିନାକ ସାହୁ, ଦେବେନ୍ଦ୍ର ସାହୁଙ୍କ ସମେତ ଅନେକ ନେତା । ସମସ୍ତଙ୍କୁ ଶଙ୍ଖ ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ଦଳକୁ ସ୍ୱାଗତ କରିଥିଲେ ସାଂସଦ ସସ୍ମିତ ପାତ୍ର । ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ଉପସ୍ଥିତ ଥିଲେ । ଟିଟିଲାଗଡ଼ର ବିକାଶରେ କାମ କରିବାକୁ ସମସ୍ତେ ବିଜେଡିକୁ ଆସିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରା ଦେଖି ସମସ୍ତେ ଆସିଛନ୍ତି ଓ ବିଜେଡିକୁ ସୁଦଢ଼ କରିବା ସହ ବିକାଶ କାମକୁ ଆଗକୁ ନେବେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଅସହ୍ୟ ତାତିରେ...

ସମ୍ବଲପୁର, ଭୁବନେଶ୍ୱର, ଖୋର୍ଦ୍ଧାରେ ଏହି ବର୍ଷା ହେତୁ ୨୨ରୁ ୨୪ ପର୍ଯ୍ୟନ୍ତ ତାପମାତ୍ରା କିଛି କମି ୪୦ ଡିଗ୍ରୀ ପାଖାପାଖି ରହିବ । ୨୫ରୁ ସାରା ରାଜ୍ୟରେ ତାପମାତ୍ରା ଖୁବ ବଢ଼ିବ । ଭୁବନେଶ୍ୱର ଅନୁଗୁଳ, ଝାରସୁଗୁଡ଼ା, ରାୟଗଡ଼ା ଆଦି କେତେକ ସ୍ଥାନରେ ତାପମାତ୍ରା ଏହି ସମୟରେ ୪୬ଡିଗ୍ରୀ ଅତିକ୍ରମ କରିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି । ସେହିପରି ସୋଆ ପରିଚାଳିତ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ କୁହାଯାଇଛି ଯେ ବଙ୍ଗୋପସାଗରରେ ଆଣ୍ଟି ସାଇକ୍ଲୋନ ସୃଷ୍ଟି ହେବାର ସମ୍ଭାବନା କାରଣରୁ ଓଡ଼ିଶାରେ ୨୧ ତାରିଖ ଠାରୁ ପ୍ରଚଣ୍ଡ ଖରା ତାତିରୁ କିଛିଟା ଆଶ୍ୱସ୍ତି ମିଳିପାରେ । ବର୍ତ୍ତମାନ ଜାରି ରହିଥିବା ଖରା ତାତି ଆଉ ଗୋଟିଏ ଦିନ ରହିବାର ସମ୍ଭାବନା ଥିବା ବେଳେ ୨୧ ତାରିଖରୁ ସମୁଦ୍ର ଆଡୁ ଉପକୂଳ ଅଞ୍ଚଳକୁ ଦୁର୍ବଳ ବାୟୁ ପ୍ରବାହିତ ହେବ । ଏହା ୨୫ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ସିଇସିର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି । ୨୧ ଏବଂ ଏହାର ପରବର୍ତ୍ତୀ ଦିନ ଉପକୂଳ ଓ ଦକ୍ଷିଣ ଓଡ଼ିଶାର କେତୋଟି ଜିଲ୍ଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ତେବେ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଦିନର ତାପମାତ୍ରା ୩୮ରୁ ୪୧ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ୩୭ରୁ ୩୯ ଡିଗ୍ରୀ ସେଲସିୟସ ମଧ୍ୟରେ ରହିପାରେ ତେବେ ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଦିନର ତାପମାତ୍ରା ବୃଦ୍ଧିପାଇ ୨୮ ତାରିଖ ପରେ ୪୪ରୁ ୪୫ ଡିଗ୍ରୀ ସେଲସିୟସ ରହିପାରେ ବୋଲି ଡଃ ସାହୁ କହିଛନ୍ତି ।

ବିଜେଡିର ଷଷ୍ଠ...

ପୂର୍ବତନ ମନ୍ତ୍ରୀଙ୍କ ଟିକେଟ । ଏମାନେ ହେଲେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ । ବିଜେଡି ଏପର୍ଯ୍ୟନ୍ତ ୧୩୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଥିବା ବେଳେ ୧୨ଟି ଆସନରେ ପ୍ରାର୍ଥୀଙ୍କ ନାଁ ଘୋଷଣା ବାକି ରହିଛି । ଏଣେ ଏଯାଏ ୧୬ଟି ଆସନରେ ନାଁ ଘୋଷଣା କରିନି ବିଜେପି ।

ସିଦ୍ଧାର୍ଥ, ସିପ୍ରା...

ଦିଆଯାଇଛି । ଝାରସୁଗୁଡ଼ା ବିଧାନସଭା ଆସନରୁ କଂଗ୍ରେସ ଅମିତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରିଥିବା ବେଳେ ବଡ଼ସାହିରୁ କ୍ଷୀରୋଦ ପାତ୍ର, ସୁକିନ୍ଦାରୁ ବିଭୁ ଭୂଷଣ ରାଉତ, କଣ୍ଧାମାଳରୁ ଶରତ ପ୍ରଧାନ, ରାଜନଗରରୁ ଅଶୋକ ପ୍ରତିହାରୀ, ମହାକାଳପଡ଼ାରୁ ଲୋକନାଥ ମହାରଥୀ, ପିପିଲିରୁ ଜ୍ଞାନରଂଜନ ପଟ୍ଟନାୟକ, ଜୟଦେବରୁ କୃଷ୍ଣ ସଗରିଆ, ଚିଲିକାରୁ ପ୍ରଦୀପ ସ୍ୱାଇଁ, କବିସୂର୍ଯ୍ୟନଗରରୁ ସଂଜୟ ମଣ୍ଡଳ ଓ ଗୋପାଳପୁରରୁ ଶ୍ୟାମସୁନ୍ଦର ସାହୁଙ୍କୁ ପ୍ରାର୍ଥୀ କରିଛି । କଣ୍ଧାମାଳରେ ଦଳ ପୂର୍ବରୁ ମନୋଜ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଥିବା ବେଳେ ଏବେ ସେଥିରେ ପରିବର୍ତ୍ତନ କରି ଶରତ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି । ସେହିପରି ଜୟଦେବରେ ଜୟନ୍ତ ଭୋଇଙ୍କ ସ୍ଥାନରେ କୃଷ୍ଣ ସଗରିଆ ଓ କବିସୂର୍ଯ୍ୟନଗର ବିପିନ ସ୍ୱାଇଁଙ୍କ ବଦଳରେ ସଞ୍ଜୟ ମଣ୍ଡଳଙ୍କୁ ପ୍ରାର୍ଥୀ କରିଛି ।

ମୁତୟନ ହେବେ...

କମ୍ପାନୀ ସିଏପିଏଫ ଯବାନ ମୁତୟନ ଥିବାବେଳେ ଆଉ ୩୦ କମ୍ପାନୀ କେନ୍ଦ୍ରୀୟ ବାହିନୀ ରବିବାର ସୁଦ୍ଧା ପହଞ୍ଚିବେ । ଏହିପରି ରାଜ୍ୟରେ ୩୦୩ ଟି କମ୍ପାନୀ ନିୟୋଜିତ ହେବେ । ସିକ୍କିମ ଏବଂ ମେଘାଳୟରୁ ୩୦ଟି ଅତିରିକ୍ତ କମ୍ପାନୀ ଆସିବେ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅସନ୍ତୋଷ ମଧ୍ୟରେ ରାଜ୍ୟରେ କେନ୍ଦ୍ରୀୟ ବାହିନୀର ଅତିରିକ୍ତ କମ୍ପାନୀ ନିୟୋଜିତ ହେଉଛନ୍ତି । ଏହାପୂର୍ବରୁ ଶୁକ୍ରବାର ଦିନ ମମତା ସିଏପିଏଫ ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କୁ ଟାର୍ଗେଟ କରିଥିଲେ । ଏକ ନିର୍ବାଚନ ରାଲିରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଶ୍ନ କରିଛନ୍ତି ଯେ ଆପଣ ରାଜ୍ୟ ପୁଲିସକୁ ଏଡାଇ ଦେଇ କିପରି ନିର୍ବାଚନ କରିପାରିବେ ?

ଇସ୍ରାଏଲର...

ନାହିଁ । ତେହରାନ, ଶିରାଜ ଏବଂ ଇସ୍‌ଫାହାନ ଏୟାରପୋର୍ଟରେ ସୁରକ୍ଷା ଦୃଷ୍ଟିରୁ ବିମାନ ଚଳାଚଳ ବନ୍ଦ ରଖାଯାଇଛି । ଏହା ସହିତ ଅନେକ ବିମାନର ଗତିପଥ ବଦଳାଇ ଦିଆଯାଇଛି । ତେହରାନ ବିମାନ ବନ୍ଦର ପ୍ରାୟ ୫ ଘଣ୍ଟା ବନ୍ଦ ରହିବା ପରେ ପୁଣି କାର୍ଯ୍ୟକ୍ଷମ ହୋଇଛି । ଇସଫାହାନ ପ୍ରଦେଶର ଯେଉଁ ସ୍ଥାନରେ ଆଜି ଡ୍ରୋନ ଆକ୍ରମଣ ହୋଇଥିଲା ସେଠାରେ ଇରାନର ଅନେକ ପରମାଣୁ କେନ୍ଦ୍ର ରହିଛି ।

ନିଷ୍ପତ୍ତିର ପୁନର୍ବିଚାର...

ଅନୁରୋଧ କରୁଛନ୍ତି । ବଡଚଣା ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ସହ ଦୀର୍ଘ ୪୦ ବର୍ଷ ଧରି ସେ ସମ୍ପର୍କରେ ରହିଆସିଛନ୍ତି ଏବଂ ସେହିମାନଙ୍କ ସମର୍ଥନ ସହଯୋଗରେ ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ କାମ କରିଚାଲିଛନ୍ତି । ତେଣୁ ତାଙ୍କୁ ବଡଚଣାବାସୀଙ୍କ ଠାରୁ କେହି ଅଲଗା କରିପାରିବେ ନାହିଁ ବୋଲି ଶ୍ରୀ ଶତପଥୀ ଭାବବିହ୍ୱଳର ସହ ପ୍ରକାଶ କରିଛନ୍ତି । ଅନୁରୂପ ଭାବେ ବିଜେଡ଼ିର ପୂର୍ବ ପ୍ରାର୍ଥୀ ତାଲିକା ଘୋଷଣାରେ ବାଦ୍ ପଡିଥିବା ନିମାପଡା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଧ୍ୟ ଦଳର ସଭାପତିଙ୍କୁ ଅନୁରୂପ ଭାବେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଅନୁରୋଧ କରିଛନ୍ତି । ଶନିବାର ନିମାପଡା ଠାରେ ଶ୍ରୀ ଦାଶ ତାଙ୍କ ଶୁଭେଚ୍ଛୁ ଓ ସମର୍ଥକମାନଙ୍କୁ ନେଇ ଏକ ବିଶାଳ ସମାବେଶରେ ଶକ୍ତି ପ୍ରଦର୍ଶନ କରିଥିଲେ । ଏହି ସମାବେଶରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ସମାଗମ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଶନିବାର ଘୋଷିତ ପ୍ରାର୍ଥୀ ତାଲିକାରେ ଯାଜପୁର ଜିଲ୍ଲା ବଡଚଣାର ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହନ୍ତ, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ (ପୂର୍ବରୁ ବହିଷ୍କୃତ ହୋଇସାରିଛନ୍ତି) ଏବଂ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରାଙ୍କ ନାମକୁ ବାଦ ଦିଆଯାଇ ସେମାନଙ୍କ ସ୍ଥାନରେ ଅନ୍ୟମାନଙ୍କୁ ପ୍ରାର୍ଥୀ କରାଯାଇଛି ।

ଶରଧା ଡଙ୍ଗା...

ଡ୍ରାଇଭର, ସର୍ଚ୍ଚ କ୍ୟାମେରାର ସହାୟତା ନିଆଯାଇଥିଲା । ଉଦ୍ଧାର ହୋଇଥିବା ସମସ୍ତ ମୃତଦେହକୁ ଶବ ବ୍ୟବଚ୍ଛେଦ କରି ତାଙ୍କର ପରିବାରକୁ ହସ୍ତାନ୍ତର କରିଛନ୍ତି ଜିଲ୍ଲା ପ୍ରଶାସନ । ଛତିଶଗଡ଼ ପ୍ରଶାସନ ମଧ୍ୟ ଘଟଣାସ୍ଥଳରେ ରହି କାର୍ଯ୍ୟରେ ସହାୟତା କରିଛନ୍ତି । ମୃତକଙ୍କୁ ଚାରି ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ତେବେ ସମସ୍ତ ମୃତକ ମାନଙ୍କ ପରିଚୟ ମିଳିଛି । ସେମାନେ ହେଲେ ରାଧିକା ନିଶାଦ, ତେରଷବାଇ ରାଠିଆ, ଲକ୍ଷ୍ମୀନବାଇ ରାଠିଆ, ରାଧିକା ରାଠିଆ, ଘସମିନ ବାଇ ରାଠିଆ, ଶିଶୁ କୁନାଲ ରାଠିଆ, ପିକେଶ୍ୱର ରାଠିଆ, ନବୀନ ରାଠିଆ । ମୃତକ ସମସ୍ତଙ୍କ ଘର ଛତିଶଗଡ଼ ରାଜ୍ୟ, ରାୟଗଡ଼ ଜିଲ୍ଲା, ଖରସିଆ ପୋଲିସ ଷ୍ଟେସନ ଅନ୍ତର୍ଗତ ଅଞ୍ଚୋରୀପାଳି ଗାଁରେ ହୋଇଥିବା ସୂଚନା ମିଳିଛି ।

୫ ବର୍ଷରେ...

ଦେବା । ଆମ ମହାନ ମାତୃଭୂମିର ନାଗରିକ ଭାବରେ ଦାୟିତ୍ୱସଂପନ୍ନ ହୋଇ ଭୋଟ ଦେବାର ଏହି ସୁଯୋଗକୁ ହାତଛଡା କରନ୍ତୁ ନାହିଁ । ଆମ ଦେଶ ପାଇଁ ପ୍ରତି ପାଞ୍ଚ ବର୍ଷରେ ପାଞ୍ଚ ମିନିଟ ସମୟ ବାହାର କରନ୍ତୁ । ଉଲ୍ଲେଖଥାଉ କି ୧୮ ଏପ୍ରିଲରୁ ୧ ଜୁନ ୨୦୨୪ ପର୍ଯ୍ୟନ୍ତ ଲୋକସଭା ନିର୍ବାଚନ ପାଇଁ ମତଦାନ ଅନୁଷ୍ଠିତ ହେବ । ୭ଟି ପର୍ଯ୍ୟାୟରେ ମତଦାନ ହେବାକୁ ଥିବାବେଳେ ଫଳାଫଳ ୪ ଜୁନ ୨୦୨୪ରେ ଘୋଷଣା କରାଯିବ ।

ଆସନ୍ତା ୧୦୦...

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଦେଶରେ ପୁଞ୍ଜିନିବେଶ ଆଣୁଛନ୍ତି । ଜନସାଧାରଣଙ୍କୁ ପ୍ରତ୍ୟେକ ଯୋଜନାର ଲାଭ ପ୍ରଦାନ କରିବା ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ଲକ୍ଷ୍ୟ । ଏହି କାରଣରୁ ଦେଶର କୋଟି କୋଟି ଲୋକ ସରକାରୀ ଯୋଜନାର ଲାଭ ପାଉଛନ୍ତି । ସେ କହିଛନ୍ତି ଯେ ମେକ ଇନ ଇଣ୍ଡିଆର ଲକ୍ଷ୍ୟ ହେଉଛି ଭାରତକୁ ଏକ ଉତ୍ପାଦନ ହବ ରେ ପରିଣତ କରିବା । ଟେସଲା ଭଳି ସମସ୍ତ କମ୍ପାନୀକୁ ଆମେ ସ୍ୱାଗତ କରୁଛୁ । ଏଲନ ମସ୍କଙ୍କ ଭାରତ ଆସିବା ଏକ ଭଲ ବାର୍ତ୍ତା । ଇସ୍ତାହାରରେ କଂଗ୍ରେସ ଲୋକପ୍ରିୟ ପ୍ରତିଶ୍ରୁତି ଦେଇଛି । କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶରେ କଂଗ୍ରେସ ଇସ୍ତାହାରରେ ଆକର୍ଷଣୀୟ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ କରିନଥିଲା । କଂଗ୍ରେସ କାହିଁକି ନିଜର ଇସ୍ତାହାରରେ ଓପିଏସକୁ ସାମିଲ କଲା ନାହିଁ ? ଜନସାଧାରଣ ସବୁ କିଛି ଦେଖୁଛନ୍ତି ଇସ୍ତାହାରରେ ଲୋକପ୍ରିୟ ପ୍ରତିଶ୍ରୁତି ଦେବା ସହଜ କିନ୍ତୁ ତାହା ପୂରଣ କରିବା ମଧ୍ୟ ସେତିକି କଷ୍ଟକର ବୋଲି ସେ କହିଛନ୍ତି ।

ନିର୍ବାଚନ ପୂର୍ବରୁ ...

କରିଛନ୍ତି । ସେହିଭଳି ୨୫୮ଟି ଏକ୍ସସାଇଜ କେସ ଡିଟେକ୍ଟ ହୋଇଛି । ୬୮୮ ଲିଟର ବିଦେଶୀ ମଦ ଓ ୧୧ ହଜାର ୩ଶହ ଲିଟର ଦେଶୀ ମଦ ଜବତ ସହ ୨୧୨ ଜଣଙ୍କୁ ଗିରଫ କରିଛି ପୋଲିସ । ରାଜଧାନୀରୁ ୫୭୬ ଗ୍ରାମ ବ୍ରାଉନସୁଗାର, ୫୯୧ କେଜି ଗଞ୍ଜେଇ ଜବତ ସହ ୫୪ ଜଣଙ୍କୁ ଗିରଫ କରିଛି ପୋଲିସ । ସେପଟେ ସ୍ପେଶାଲ

ସମ୍ବାଦ କଳିକା
ଶେଷ ପୃଷ୍ଠା
ଭୁବନେଶ୍ୱର
୨୧ ଅପ୍ରେଲ
ରବିବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

ଖାଦ୍ୟ ମୁଦ୍ରାସ୍ଫୀତି ବଡ଼ ବିପଦ : ଏମ୍‌ପିସି ସଦସ୍ୟ

ଭୁବନେଶ୍ୱର,୨୦।୪ ନ୍ୟୁଜ ବ୍ୟୁରୋ
ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ମୁଦ୍ରା ନୀତି କମିଟି(ଏମ୍‌ପିସି)ର ସଦସ୍ୟମାନେ ଖାଦ୍ୟ ମୁଦ୍ରାସ୍ଫୀତିକୁ ଏକ ବଡ଼ ବିପଦ ବୋଲି କହିଛନ୍ତି। ୨୦୨୪ ଏପ୍ରିଲର ପ୍ରଥମ ସପ୍ତାହରେ ଆୟୋଜିତ ହୋଇଥିବା ଆରବିଆଇର ମୁଦ୍ରାନୀତି କମିଟି ବୈଠକର ସାରାଂଶରେ ଏପରି ମତ ପ୍ରକାଶ ପାଇଛି । ଆରବିଆଇର ଏମ୍‌ପିସି ବୈଠକର ସାରାଂଶ ପ୍ରକାଶ ପାଇଥିଲା। ବୈଠକରେ ସଦସ୍ୟମାନେ ମୁଦ୍ରାନୀତି ସମ୍ପର୍କରେ ଆରବିଆଇର ବର୍ତ୍ତମାନର ଆଭିମୁଖ୍ୟ ଉପରେ ଆଶାବାଦୀ ଅଛନ୍ତି। ମାତ୍ର ସଦସ୍ୟମାନେ ଖାଦ୍ୟ ମୁଦ୍ରାସ୍ଫୀତି ପାଇଁ ଚିନ୍ତିତ ଅଛନ୍ତି। ଏମ୍‌ପିସି ସଦସ୍ୟ ମାଇକେଲ ଦେବବ୍ରତ ପାତ୍ର କହିଛନ୍ତି, ବର୍ତ୍ତମାନର ମୁଦ୍ରାସ୍ଫୀତିର ପ୍ରଭାବ ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ହାରର ପ୍ରଭାବ ବିଷୟରେ ତଥ୍ୟ ଯଥେଷ୍ଟ ଯେ ଖାଦ୍ୟ ମୁଦ୍ରାସ୍ଫୀତିର ଆଶଙ୍କା ରହିଛି। ମେ' ୨୦୨୪ ସୁଦ୍ଧା ଖାଦ୍ୟ ମୂଲ୍ୟ ବୃଦ୍ଧି ହେବା ସମ୍ଭାବନା ସୃଷ୍ଟି

କରୁଛି। ସେ ଦର୍ଶାଇଛନ୍ତି, ବିଶ୍ୱରେ ଖାଦ୍ୟ ମୂଲ୍ୟ ବୃଦ୍ଧି ଏବଂ ଅନ୍ୟାନ୍ୟ କାରଣ ହେତୁ ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ହାର ୨ରୁ ୬ ପ୍ରତିଶତ ଟଲେରାନ୍ସ ବ୍ୟାଣ୍ଡରେ ରହିବ। ତାଙ୍କ କହିବାନୁସାରେ, ବର୍ତ୍ତମାନ ନୀତିଗତ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ପାଇଁ ଉପଯୁକ୍ତ ସମୟ ନୁହେଁ। ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି, ୨୦୨୪-୨୫ରେ ମୁଦ୍ରାସ୍ଫୀତି ହାର ୪.୫%କୁ ଖସିପାରେ ବୋଲି ଆକଳନ କରାଯାଇଛି। ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି, ଗ୍ରାହକଙ୍କ ଆତ୍ମବିଶ୍ୱାସ ବୃଦ୍ଧି, ବ୍ୟକ୍ତିଗତ ବ୍ୟବହାରରେ ବୃଦ୍ଧି ଏବଂ ଅନ୍ୟାନ୍ୟ କାରଣରୁ ଆରବିଆଇ ଗଭର୍ଣ୍ଣର ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ନେଇ ଆଶାବାଦୀ ଅଛନ୍ତି। ମୁଦ୍ରାସ୍ଫୀତି ହାର ହ୍ରାସ କରିବାକୁ ଗତ ୨ ବର୍ଷ ମଧ୍ୟରେ ହୋଇଥିବା ଲାଭକୁ ବଜାୟ ରଖିବାକୁ ପଡ଼ିବ ବୋଲି ସେ କହିଛନ୍ତି। ମୁଦ୍ରାସ୍ଫୀତି ହାରକୁ ୪ ପ୍ରତିଶତକୁ ଆଣିବା ପାଇଁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ତେବେ ଆରପିଓ ଏମ୍‌ପିସିର ଅନ୍ୟ ଜଣେ ସଦସ୍ୟ ଜୟନ୍ତ ବର୍ମା ରେପୋ ରେଟକୁ ୨୫ ଆଧାର ପଏଣ୍ଟ ହ୍ରାସ କରିବାକୁ ମତ ଦେଇଛନ୍ତି। ତେବେ ଆରବିଆଇର ଏମ୍‌ପିସି ବୈଠକ ପରେ ଅନେକ ପରିବର୍ତ୍ତନ ହୋଇଛି। ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପରେ ବିଶ୍ୱବ୍ୟାପୀ ଉତ୍ତେଜନା ବୃଦ୍ଧି ପାଇଛି। ଅଶୋଧିତ ତୈଳ ସମେତ ଅନ୍ୟାନ୍ୟ ଦ୍ରବ୍ୟର ମୂଲ୍ୟରେ ବୃଦ୍ଧି ଘଟୁଛି, ଯେଉଁ କାରଣରୁ ମୁଦ୍ରାସ୍ଫୀତି ବୃଦ୍ଧି ହେବାର ବିପଦ ରହିଛି ଏବଂ ଷ୍ଟକ୍ ମାର୍କେଟରେ କ୍ରମାଗତ ହ୍ରାସ ଦେଖାଯାଉଛି।

ବଡଚଣାରୁ ଲଢିବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ

ଭୁବନେଶ୍ୱର, ୨୦/୪ ନ୍ୟୁଜ ବ୍ୟୁରୋ
ବିଧାନସଭା ନିର୍ବାଚନ ପାଇଁ ଷଷ୍ଠ ପର୍ଯ୍ୟାୟରେ ପ୍ରାର୍ଥୀ ତାଲିକା ଜାରି କରିଛି ବିଜେଡ଼ି । ମୋଟ ୯ ଜଣଙ୍କ ନାମ ତାଲିକାରେ ଥିବା ବେଳେ ଏଥିରେ ୪ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି । ଏଥର ବଡଚଣାରୁ ଲଢିବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ । ଗୁରୁବାର ଶଙ୍ଖ ଭବନରେ ବିଜେଡିରେ ମିଶିଥିଲେ ବର୍ଷା । ଏହାର ଦିନକ ପରେ ଶନିବାର ବିଜେଡି ପ୍ରାର୍ଥୀ ତାଲିକାରେ ବର୍ଷାଙ୍କ ନାଁ ଦେଖିବାକୁ ମିଳିଛି । ଦୀର୍ଘଦିନରୁ ବର୍ଷା ସମାଜସେବାରେ ଜଡିତ ଅଛନ୍ତି । ସେହିପରି ବିଜେଡିର ଅଧିକାଂଶ କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି ବର୍ଷା । କିନ୍ତୁ ସିଧାସଳଖ ସେ ରାଜନୀତିରେ ସକ୍ରିୟ ନଥିଲେ । ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ମିଶିଥିବା ପ୍ରେସ୍‌ମିଟ୍‌ରେ କହିଥିଲେ । ଏପରିକି ସେ ନବୀନଙ୍କ ଜଣେ ବଡ ପ୍ରଶଂସକ ହୋଇଥିବାରୁ ତାଙ୍କ ଆଧାରିତ ଏକ ସିନେମା ବି ନିର୍ମାଣ କରିଥିଲେ । ପ୍ରାର୍ଥୀହେବାପରେ କଟକ ଚଣ୍ଡୀ ମନ୍ଦିର ଯାଇ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ ବର୍ଷା । ତାଙ୍କ ପ୍ରାଥମିକ ପ୍ରତିକ୍ରିୟାରେ ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋ'ପ୍ରତି ଆସ୍ଥା ପ୍ରକଟ କରିଥିବାରୁ କୃତଜ୍ଞତା ଜଣାଉଛି । ମୁଖମନ୍ତ୍ରୀଙ୍କ ବିଶ୍ୱାସ ଓ ଭରସାକୁ ସମ୍ମାନ ଜଣାଉଛି । ଆଗାମୀ ଦିନରେ ତାଙ୍କର ଏହି ବିଶ୍ୱାସକୁ ଅତୁଟ ରଖିବି । ବଡ଼ଚଣା ମଟିର ସମସ୍ତ ମା' ମାଉସୀଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଉଛି। ସେମାନଙ୍କର ସୁଖ, ଦୁଃଖରେ ଛିଡ଼ା ହେବି । ଶତ ପ୍ରତିଶତ ନୁହେଁ ହଜାର ପ୍ରତିଶତ ଚେଷ୍ଟା ଜାରି ରଖିବି ବଡ଼ଚଣାର ବିକାଶ ପାଇଁ । ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବି । ମହିଳା ସଶକ୍ତି କରଣକୁ ଆହୁରି କେମିତି ଆଗକୁ ନିଆଯାଇପାରିବ ସେଥିପାଇଁ ଗୁରୁତ୍ୱ ଦେବି ବୋଲି ବର୍ଷା କହିଛନ୍ତି।

ହିଞ୍ଜିଳିକାଟୁରୁ ମୁଖ୍ୟମନ୍ତ୍ରୀଙ୍କୁ ଜିତାଇବା ପାଇଁ ଯୁବବର୍ଗଙ୍କୁ ଗୁରୁମନ୍ତ୍ର ଦେଲେ ପାଣ୍ଡିଆନ

ବ୍ରହ୍ମପୁର, ୨୦/୪ ନ୍ୟୁଜ ବ୍ୟୁରୋ
ପାଖେଇ ଆସୁଛି ନିର୍ବାଚନ ତାରିଖ । ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ୬ଷ୍ଠ ଥର ପାଇଁ ହିଞ୍ଜିଳିରୁ ଜିତାଇବାକୁ କର୍ମୀ ଓ ନେତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି '୫-ଟି' ଅଧ୍ୟକ୍ଷ ଭି. କାର୍ତ୍ତିକେୟନ ପାଣ୍ଡିଆନ୍ । ଭିଡିଓ କନଫରେନ୍ସ ମାଧ୍ୟମରେ ଯୁବବର୍ଗଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀଙ୍କ ଭୋଟ ହାର ବୃଦ୍ଧି କରିବା ପଇଁ ଗୁରୁତ୍ୱ ଦେଇଛନ୍ତି । ହିଞ୍ଜିଳିକାଟୁ ପୌର ପରିଷଦ ଅନ୍ତର୍ଗତ ରୟାଲ ପ୍ୟାଲେସ ପରିସରରେ ଆୟୋଜିତ ନିର୍ବାଚନମଣ୍ଡଳୀ ସ୍ତରୀୟ ଯୁବ ସମାବେଶରେ ଶ୍ରୀ ପାଣ୍ଡିଆନ ଏହି ଗୁରୁମନ୍ତ୍ର ଦେଇଛନ୍ତି। ଶେରଗଡ଼ ବ୍ଲକ ବିଜେଡି ଯୁବ ସଭାପତି ସନ୍ତୋଷ କୁମାର

ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଶ୍ରୀ ପାଣ୍ଡିଆନ ଯୁବକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥି ସହିତ ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହିଞ୍ଜିଳିକାଟୁରେ ଲକ୍ଷାଧିକ ଭୋଟରେ କିଭଳି ନିର୍ବାଚିତ କରି ୬ଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ସେ ନେଇ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏପରିକି ନିର୍ବାଚନ ମଣ୍ଡଳୀର ଯୁବକମାନେ ଶ୍ରୀ ପାଣ୍ଡିଆନଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଲକ୍ଷାଧିକ ଭୋଟରେ ବିଜୟୀ କରିବା ନିମନ୍ତେ ସଂକଳ୍ପ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ହିଞ୍ଜିଳି ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ଶେରଗଡ଼ ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ ବିଜେଡି ସଭାପତିଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ /ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ସମେତ ନିର୍ବାଚନ ମଣ୍ଡଳୀର ବହୁ ଯୁବ ବର୍ଗ ଏଥିରେ ଉପସ୍ଥିତ ରହିଥିଲେ। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ବିଜେଡି ଦଳର ଏଭଳି ବୈଠକରେ ୫-ଟି ଅଧ୍ୟକ୍ଷ ତଥା ବିଜେଡି ନେତା ଭି.କେ.ପାଣ୍ଡିୟାନଙ୍କ ଭିଡିଓ କନଫରେନ୍ସ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରିବା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।

ରଥଯାତ୍ରା ପାଇଁ ପ୍ରଥମ ସମନ୍ୱୟ କମିଟି ବୈଠକ

ଶାନ୍ତି ଶୃଙ୍ଖଳାର ସହ ଘୋଷଯାତ୍ରା ସମାପନ କରବାକୁ ନିଷ୍ପତ୍ତି

ପୁରୀ, ୨୦/୪ ନ୍ୟୁଜ ବ୍ୟୁରୋ
ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶନିବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷରେ ପ୍ରଥମ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶ୍ରୀଜୀଉଙ୍କ ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ପୁରୀ ଟାଉନ ହଲ ଠାରେ ଏହି ବୈଠକ ବସିଥିଲା। ଅକ୍ଷୟ ତୃତୀୟା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକାନ୍ତି, ରଥ ନିର୍ମାଣ, ରଥକାଠ ଯୋଗାଣ ସହ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ,

ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଓ ସେବାୟତମାନେ ଯୋଗଦେଇଥିଲେ । ତେବେ ସମନ୍ୱୟ କମିଟି ବୈଠକ ପୂର୍ବରୁ ରଥଯାତ୍ରା ଶୃଙ୍ଖଳିତ ଭାବେ ସମାପନ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଦୁଇଥର ବୈଠକ ହୋଇସାରିଛି ।
ତେବେ ଏହି ବୈଠକରେ କମିଟି ସଦସ୍ୟ ଦାମୋଦର ମହାସୁଆର ୪ ଦ୍ୱାର ଖୋଲିବା ପ୍ରସଙ୍ଗ ଉଠାଇଥିଲେ। ପରିକ୍ରମା ପ୍ରକଳ୍ପ ଶେଷ ହୋଇଯାଇଥିବା ସତ୍ତ୍ୱେ କାହିଁକି ଚାରି ଦ୍ୱାର ଖୋଲା ଯାଉ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଦାମୋଦର ମହାସୁଆର କହିଛନ୍ତି, ରଥଯାତ୍ରା ପୂର୍ବରୁ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାଯାଉ। ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲା ଯାଉ ନଥିବାରୁ ଭକ୍ତମାନେ ଶୃଙ୍ଖଳାର ସହ ଦର୍ଶନ କରିପାରୁନାହାନ୍ତି। ଯଦି ରଥଯାତ୍ରା ପୂର୍ବରୁ ଭକ୍ତଙ୍କ ପାଇଁ ଚାରି ଦ୍ୱାର ଖୋଲା ନଯିବ, ତା'ହେଲେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ଦାମୋଦର ମହାସୁଆର।

ଦେବଗଡରେ ବିଜେଡ଼ିର କର୍ମୀ ସମ୍ମିଳନୀ

ଘରେ ଘରେ ପହଞ୍ଚୁ ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟର ବାର୍ତ୍ତା: ପ୍ରଣବ ଦାସ

ସମ୍ବଲପୁର,୨୦/୦୪ ନ୍ୟୁଜ ବ୍ୟୁରୋ
ଶନିବାର ପୂର୍ବାହ୍ନରେ ଦେବଗଡ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ନିକଟରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଜେଡିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ତଥା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କର୍ମକର୍ତ୍ତାମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ । ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ବାର୍ତ୍ତା ପ୍ରତ୍ୟେକ ପରିବାରରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ପ୍ରଣବ ପ୍ରକାଶ ଆହ୍ୱାନ କରିଥିଲେ । ସେହିଭଳି ଦେବଗଡରେ ଦଳୀୟ ସଂଗଠନକୁ ସୁଦୃଢ କରି ବିଜେଡିକୁ ଏକ ବଡ ବିଜୟ ଦିଗରେ ନିଆଯିବ। ସେ ନେଇ ଉପସ୍ଥିତ ହଜାର ହଜାର ଦଳୀୟ କର୍ମୀ ସଂକଳ୍ପ କରିଥିଲେ । ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକୁ ବିରୋଧ କରୁଥିବା ଦେବଗଡ ବିଧାୟକ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ କେନ୍ଦ୍ରୀୟ ବିଦ୍ୟାଳୟଟିଏ ମଧ୍ୟ କରିପାରିନଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ଜନସାଧାରଣ ଉଚିତ ଜବାବ ଦେବେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଏହି କର୍ମୀ ସମ୍ମିଳନୀରେ ଦେବଗଡ ବିଜେଡି ବିଧାୟିକା ପ୍ରାର୍ଥୀ ଅରୁନ୍ଧତୀ ଦେବୀ, ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାସ, କେନ୍ଦୁପତ୍ର ତୋଳାଳୀ ସଂଘ ରାଜ୍ୟ ସମ୍ପାଦକ ସଞ୍ଜିତ କୁମାର ମହାନ୍ତି, ଦେବଗଡ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଉମା ଶଙ୍କର ସାହୁ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବାବେଳେ ବହୁ ସଂଖ୍ୟାରେ କର୍ମୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଏସି ହେଲମେଟ ପିନ୍ଧିବେ ଟ୍ରାଫିକ ପୋଲିସ

ଭୁବନେଶ୍ୱର, ୨୦/୦୪ ନ୍ୟୁଜ ବ୍ୟୁରୋ
ରାଜ୍ୟରେ ଜାରି ରହିଛି ଅସହ୍ୟ ତାତି। ପ୍ରବଳ ଗୁଳୁଗୁଳି ସାଙ୍ଗକୁ ମୁଣ୍ଡ ଫଟା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ପ୍ରବଳ ଖରା ସତ୍ତ୍ୱେ ଟୋପିଟିଏ ପିନ୍ଧି ଟ୍ରାଫିକ ଛକମାନଙ୍କରେ ଟ୍ରାଫିକ ପୁଲିସମାନେ ଡ୍ୟୁଟି କରିଥାନ୍ତି। ତେବେ ବର୍ତ୍ତମାନ କମିଶନରେଟ ପୁଲିସ ପକ୍ଷରୁ ଟ୍ରାଫିକ ପୁଲିସମାନଙ୍କ ପାଇଁ ପରୀକ୍ଷାମୂଳକ ଭାବେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ହାତକୁ ନିଆଯାଇଛି। ଖରାରୁ ରକ୍ଷା ପାଇବା ପାଇଁ କମିଶନରେଟ ପୁଲିସ ପକ୍ଷରୁ ଏୟାର କୁଲିଙ୍ଗ ହେଲମେଟ ବ୍ୟବସ୍ଥା କରାଯାଇଛି। ଯାହା ଗରମ ଉତ୍ତାପରୁ ଟିକିଏ ଆରାମ ପ୍ରଦାନ କରିବ।

ଶନିବାର ଏହି ହେଲମେଟ ପରୀକ୍ଷାମୂଳକ ଭାବେ ଆରମ୍ଭ କରିଛି କମିଶନରେଟ ପୁଲିସ । ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ହେଲମେଟଗୁଡିକ ବ୍ୟାଟେରୀରେ ଚାଳିତ। ସେଥିପାଇଁ ବ୍ୟାଟେରୀ ବ୍ୟବସ୍ଥା କରାଯାଇ ଡିଜାଇନ୍ କରାଯାଇଛି। ଯାହା କଠିନ ସୂର୍ଯ୍ୟ କିରଣରେ ଲମ୍ବା ସମୟ ପର୍ଯ୍ୟନ୍ତ ଆରାମ ପ୍ରଦାନ କରିବ। ଏହି ହେଲମେଟ ପିନ୍ଧିବା ପରେ ମୁଣ୍ଡର ଚତୁଃପାର୍ଶ୍ୱରୁ ଥଣ୍ଡା ପବନ ପ୍ରବାହିତ ହେବ। ଯାହା ଦ୍ୱାରା ସୂର୍ଯ୍ୟ କିରଣରେ ଠିଆ ହୋଇଥିବା ବ୍ୟକ୍ତିଙ୍କୁ ଏହି ଏସି ହେଲମେଟ୍ ଟିକିଏ ଆରାମ ଦେବ। ଥରେ ଚାର୍ଜ ହେଲେ ୮ ଘଣ୍ଟା ପର୍ଯ୍ୟନ୍ତ ଚାର୍ଜ ରହିବ। ଏହି ହେଲମେଟ ପରୀକ୍ଷା ମୂଳକ ଭାବେ ସଫଳ ହେଲେ ସବୁ କର୍ମଚାରୀଙ୍କୁ ପ୍ରଦାନ କରାଯିବ। ସୂଚନା ଅନୁଯାୟୀ, ଏହି ହେଲମେଟ୍ ପୂର୍ବରୁ ଗୁଜରାଟ ପୁଲିସ ବ୍ୟବହାର କରିଛି। ଭଦୋଦରା ଟ୍ରାଫିକ ପୁଲିସ ବିଭାଗ ଏହାର କର୍ମଚାରୀମାନଙ୍କୁ ଏହି ଏସି ହେଲମେଟ ଯୋଗାଇବା ଆରମ୍ଭ କରିସାରିଛି।

ଭୁବନେଶ୍ୱର : ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୩ତମ ଶ୍ରାଦ୍ଧୋତ୍ସବ ଅବସରରେ ବିଖ୍ୟାତ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଐତିହାସିକ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଅନୁଷ୍ଠାନର ସଭାପତି ରଘୁନାଥ ମିଶ୍ର ଓ ସମ୍ପାଦକ ଡଃ ରମେଶ ଚନ୍ଦ୍ର ପାଣି ଏବଂ ଉପସ୍ଥିତ ଅନ୍ୟ ଅତିଥିମାନଙ୍କ ଗହଣରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ବିଚାରପତି ଡଃ ଶଶିକାନ୍ତ ମିଶ୍ର ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ୍ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ଇତିହାସ ରଚନା ଦିଗରେ ତାଙ୍କର ଅବଦାନ ପାଇଁ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପ୍ରଦତ୍ତ 'ଏକାମ୍ର ସମ୍ମାନ'ରେ ସମ୍ମାନିତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

ମେ' ପହିଲାରୁ ଭିତରକନିକା ବନ୍ଦ

ରାଜନଗର, ୨୦/୪ ନ୍ୟୁଜ ବ୍ୟୁରୋ
ଆସନ୍ତା ମେ' ପହିଲାରୁ ବନ୍ଦ ହେବ ଭିତରକନିକା ଜାତୀୟ ଉଦ୍ୟାନ। କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଛି। ନଦୀ ନାଳମାନଙ୍କରେ ଥିବା କୁମ୍ଭୀରମାନେ ବସା ବାନ୍ଧି ଅଣ୍ଡା ଦେବେ। ସେମାନଙ୍କ ମିଳନ ପର୍ବ ଓ ଅଣ୍ଡାଦେବା ପ୍ରକ୍ରିୟାରେ ବାଧା ନ ଉପୁଜାଇବା ପାଇଁ ରାଜନଗର ବନଖଣ୍ଡ ପକ୍ଷରୁ ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଜାରି ହୋଇଛି। ମାଆ କୁମ୍ଭୀର ଅଣ୍ଡା ଦେଇସାରିବା ପରେ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ସେଠାରେ ଜଗି ରହିଥାଏ। ଏହି ସମୟରେ ସେ ଅଧିକ ହିଂସ୍ର ହୋଇଥାଏ। ଏଥିପାଇଁ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଭିତରକନିକା ଜାତୀୟ ଉଦ୍ୟାନକୁ ଆସିବାକୁ ବାରଣ କରାଯାଇଛି।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ